



# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 171 | Brahmapur | Saturday 1 August 2026 | ବର୍ଷ: ୪୫/ ଅଙ୍କ: ୧୭୧ | ଶନିବାର ୧ ଅଗଷ୍ଟ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦


### ବଢୁଛି ମହାନଦୀର ଜଳସ୍ତର

# ଚାରି ଜିଲ୍ଲାକୁ ହାଇଆଲର୍ଟ

**ହୀରାକୁଦ ଡ୍ୟାମ: ୨୨ଟି ଗେଟ୍ ଦେଇ ହେବ ଜଳ ନିଷ୍କାସିତ**

ଭୁବନେଶ୍ୱର, ୩୧।୭ : ମହାନଦୀରେ ବନ୍ୟା ଜଳ ବଢ଼ିବାରେ ଲାଗିଛି। ବନ୍ୟାସ୍ଥିତିର ସମୀକ୍ଷା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଶୁକ୍ରବାର ଦେଇଛନ୍ତି ଏହି ସୂଚନା।

ସେ କହିଛନ୍ତି, ମହାନଦୀକୁ ଛାଡ଼ିଦେଲେ ବାକି ସବୁ ନଦୀ ବିପଦ ସଙ୍କେତ ତଳେ ରହିଛି। ଏବେ ପାଗ ପ୍ରାୟତଃ ଶୁଖିଲା ଅଛି। କାଲି ଦୁଇ/ତିନୋଟି ଜିଲ୍ଲାରେ ଅଳ୍ପ ବର୍ଷା ହେବ। ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁରରେ ସ୍ୱଳ୍ପ ବୃଷ୍ଟି ହେବ। ତେଣୁ ବିପଦ ଟଳିବା ଆରମ୍ଭ କଲାଣି। କେବଳ ମହାନଦୀର ଜଳସ୍ତର ବଢ଼ିବାରେ ଲାଗିଛି। ଏବେ ମହାନଦୀରେ ୮ ଲକ୍ଷ ୬୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଓ କଟକକୁ ଆଲର୍ଟ କରାଯାଇଛି। ଯାଜପୁରରେ ସର୍ବାଧିକ ଘାଇ ସୃଷ୍ଟି ହୋଇଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ବନ୍ୟା ପାଣି କମିବା ପର୍ଯ୍ୟନ୍ତ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। କ୍ଷୟକ୍ଷତି ରିପୋର୍ଟ ଆସିଲେ ସଙ୍ଗେ ସଙ୍ଗେ କ୍ଷତିପୂରଣ ଦିଆଯିବ। ସରକାରଙ୍କୁ ସହଯୋଗ କରନ୍ତୁ, ବିପଦ ଟଳିଯିବ ବୋଲି ସେ ଲୋକଙ୍କୁ ଅପିଲ କରିଛନ୍ତି।ସମୀକ୍ଷା ପରେ ଶ୍ରୀ ପୂଜାରୀ କହିଛନ୍ତି, ବନ୍ୟାରେ ୧୫ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ଆଉ ୧୫ଟି ଜିଲ୍ଲା ବିପଦମୁକ୍ତ ଅଛନ୍ତି। ୧୫ଟି ଜିଲ୍ଲାର ୫୭ଟି ବ୍ଲକ୍‌ର ୪୪୬ ପଞ୍ଚାୟତ, ୧୩୬୨ ଗାଁ ଓ ୧୧ ପୌରାଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ମୋଟ୍ ୭ ଲକ୍ଷ ୯୧ ହଜାର ୮୪୬ ଲୋକ ପ୍ରଭାବିତ ହୋଇଛନ୍ତି। ୨ ଲକ୍ଷ ୬୮ ହଜାର ୯୪୩ ଜଣ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ବନ୍ୟା ଯୋଗୁ ୨୧ ହଜାର ୩୮୦ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୭୦୦ଟି ଘର ଭାଙ୍ଗିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୪୭ଟି ରିଲିଫ୍ ସେଣ୍ଟର ଖୋଲାଯାଇଛି।

ସୂଚନାଯୋଗ୍ୟ, ହୀରାକୁଦ ଡ୍ୟାମ୍‌ର ଆଉ ୨ଟି ଗେଟ୍ ଖୋଲା ଯାଇଛି। ସକାଳେ ୧୦ଟି ଗେଟ୍ ଖୋଲା ଯାଇଥିବା ବେଳେ ପରେ ଆଉ ୨ଟି ଗେଟ୍ ଖୋଲା ଯାଇଥିଲା। ଫଳରେ ଏବେ ଜଳଭଣ୍ଡାରର ୧୪ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ପ୍ରଭାବରେ ହୀରାକୁଦ ଜଳଭଣ୍ଡାରକୁ ଲଗାତାର ବନ୍ୟା ଜଳ ପ୍ରବେଶ କରୁଛି। ଡ୍ୟାମର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବା ବେଳେ ବର୍ତ୍ତମାନ ଜଳସ୍ତର ୬୨୪.୧୦ ଫୁଟ ରହିଛି। ଅନ୍ୟପକ୍ଷରେ ହୀରାକୁଦ ଡ୍ୟାମର ଆହୁରି ୮ଟି ଗେଟ୍ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ।

ସେ କହିଛନ୍ତି ଯେ ହୀରାକୁଦ ଡ୍ୟାମ୍‌ରେ ଏବେ ୧୪ଟି ଗେଟ୍ ଖୋଲି ଯାଇଛି। ଏହି ୧୪ଟି ଗେଟ୍ ଦେଇ ୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସୁଦ୍ଧା ୨୨ଟି ଗେଟ୍ ଖୋଲା ଯିବ। ୨୨ଟି ଗେଟ୍ ଦେଇ ସାଢ଼େ ୩ ଲକ୍ଷ କ୍ୟୁସେକ ପାଣି ହୀରାକୁଦରୁ ଛଡ଼ାଯିବ। ହୀରାକୁଦକୁ ଇନଫ୍ଲୋ ବଢୁଥିବାରୁ ଅଧିକ ଗେଟ୍ ଖୋଲାଯିବ। ଖଇରମାଳରେ ୫ ଲକ୍ଷ ୨୭ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି। ହୀରାକୁଦ ପାଣି ଆସିଲେ ପ୍ରାୟ ସାଢ଼େ ୭ ଲକ୍ଷ ପାଣି ପ୍ରବାହିତ ହେବ।ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ରାଉତ କହିଛନ୍ତି ଯେ ମୁଣ୍ଡଳୀରେ କାଲି ପାଣି ପିକ୍‌ରେ ଥିଲା। କାଲି ସନ୍ଧ୍ୟାରେ ସେଠାରେ ୮ ଲକ୍ଷ ୮୮ ହଜାର କ୍ୟୁସେକ ଜଳ ପ୍ରବାହିତ ହୋଇଥିଲା। ଏବେ ୮ ଲକ୍ଷ ୬୫ ହଜାର କ୍ୟୁସେକ ପାଣି ପ୍ରବାହିତ ହେଉଛି। କାଲି ସକାଳେ ଏହା ସାଢ଼େ ୭ ଲକ୍ଷ କ୍ୟୁସେକରୁ ତଳକୁ ଖସିବ। ଦୟା ନଦୀ ଓ କୁଶଭଦ୍ରାରେ ବନ୍ୟା ପାଣି ଆସିଛି। ବନ୍ୟା ଯୋଗୁଁ ମୋଟ ୭ଟି ଘାଇ ହୋଇଛି। ଏନେଇ ତଥ୍ୟ ମଗାଯାଇଛି।ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ, ନ୍ୟାରେ ୧୫ଟି ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ଆଉ ୧୫ଟି ଜିଲ୍ଲା ବିପଦମୁକ୍ତ ଅଛନ୍ତି। ୧୫ଟି ଜିଲ୍ଲାର ୫୭ଟି ବ୍ଲକ୍‌ର ୪୪୬ ପଞ୍ଚାୟତ, ୧୩୬୨ ଗାଁ ଓ ୧୧ ପୌରାଞ୍ଚଳ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ମୋଟ୍ ୭ ଲକ୍ଷ ୯୧ ହଜାର ୮୪୬ ଲୋକ ପ୍ରଭାବିତ ହୋଇଛନ୍ତି। ୨ ଲକ୍ଷ ୬୮ ହଜାର ୯୪୩ ଜଣ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ବନ୍ୟା ଯୋଗୁ ୨୧ ହଜାର ୩୮୦ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୭୦୦ଟି ଘର ଭାଙ୍ଗିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୪୭ଟି ରିଲିଫ୍ ସେଣ୍ଟର ଖୋଲାଯାଇଛି।

## ଆଜି ଆକାଶମାର୍ଗରୁ ସ୍ଥିତି ଦେଖିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ବନ୍ୟା ସ୍ଥିତି ଗମ୍ଭୀର ହେଉଥିବା ବେଳେ ପ୍ରଭାବିତ ଅଞ୍ଚଳର ସ୍ଥିତି ସମୀକ୍ଷା ପାଇଁ ଆସନ୍ତାକାଲି ଏରିଆଲ ସର୍ଭେ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସକାଳ ୧୦ଟାରେ ମୁଖ୍ୟମନ୍ତ୍ରୀ ଆକାଶମାର୍ଗରୁ ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ। ଏହି ଏରିଆଲ ସର୍ଭେ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ରହିବେ। ଆକାଶମାର୍ଗରୁ ଅଞ୍ଚଳଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରାଯିବ। ଏଥିସହ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଠିକ୍ ଭାବେ ପହଞ୍ଚିଛି କି ନାହିଁ, ସେନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ। ବନ୍ୟା ପରିସ୍ଥିତିରେ ପ୍ରଶାସନର ପ୍ରସ୍ତୁତି, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ଦିଗରେ ଏହି ସର୍ଭେ ଗୁରୁତ୍ୱପୂର୍ଣ୍ଣ ହେବ।

### ପିଜି ଡାକ୍ତରୀ ପରୀକ୍ଷା ପେପର ଲିକ୍ ଘଟଣା

## ଏମ୍‌କେସିଜିରେ ୫ ଜଣିଆ ତଦନ୍ତ କମିଟି ଗଠିତ

ବ୍ରହ୍ମପୁର, ୩୧।୭: ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷା ପେପର ଲିକ୍ ଘଟଣାରେ ତତ୍ପରତା ଦେଖାଇଛି ଏମ୍‌କେସିଜି ମେଡିକାଲ କଲେଜ। ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା



ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) ପିଜି ପରୀକ୍ଷା ପରିଚାଳନା କରୁଥିବା ବେଳେ ପେପର ଲିକ୍ ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ଓୟୁଏଚ୍‌ଏସ୍ ପକ୍ଷରୁ ଜରୁରୀ କାଳୀନ ବୈଠକ କରାଯାଇ ଏମ୍‌କେସିଜି ମେଡିକାଲ କଲେଜର ନୋଡାଲ ସେଣ୍ଟରରୁ ପ୍ରଶ୍ନ ପତ୍ର କିଭଳି ଲିକ୍ ହେଲା, ତାହା ଉପରେ ତଦନ୍ତ କରିବାକୁ କୁହାଯାଇଛି। ତଦନ୍ତ କରିବା ପାଇଁ ଏମ୍‌କେସିଜି ମେଡିକାଲ ପକ୍ଷରୁ ଏକ ଅନ୍ତରୀଣ ତଦନ୍ତ ଟିମ୍ ଗଠନ କରାଯାଇଛି ।

ମେଡିକାଲ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଏହି ଟିମ୍‌ରେ ମେଡିକାଲ ଅଧୀକ୍ଷକ ସୁଦେପା ଦାସ ଓ ମେଡିକାଲ ପ୍ରଶାସନିକ ଅଧିକାରୀ ଡ.ଶ୍ୱେତ କୁମାର ଦାସଙ୍କ ସହ ୩ଜଣ ବରିଷ୍ଠ ପ୍ରଫେସରଙ୍କୁ ରଖାଯାଇଛି । କିଭଳି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ବାହାରକୁ ଗଲା, କେଉଁମାନେ ଏଥିରେ ସାମିଲ ଅଛନ୍ତି, ହ୍ୱାଟସଆପ୍ ଗ୍ରୁପ୍ କିଏ ତିଆରି କରିଥିଲା, ସେ କିଭଳି ପ୍ରଶ୍ନପତ୍ରର ଫଟୋ ଉଠାଇ ବାହାରକୁ ପଠାଇଲେ- ଏସବୁର ତଦନ୍ତ କରିବ ଏହି ତଦନ୍ତକାରୀ ଟିମ୍। ତଦନ୍ତ କରି ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିବା ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ହରିକୃଷ୍ଣ ଦଳାଇ କହିଛନ୍ତି। ତଦନ୍ତ ରିପୋର୍ଟକୁ ଏମ୍‌କେସିଜି ଅଧ୍ୟକ୍ଷଙ୍କୁ ଦିଆଯିବ। ପରେ ଏହାକୁ ଡିଏମ୍‌ଇଟି, ସ୍ୱାସ୍ଥ୍ୟ ବିଭାଗ ଓ ଓୟୁଏଚ୍‌ଏସ୍‌କୁ ପଠାଇ ଦିଆଯିବ।ଅନ୍ୟପକ୍ଷରେ ଏହି ଘଟଣା ପରେ ପିଜି ଡାକ୍ତରୀ ପରୀକ୍ଷାର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପରୀକ୍ଷା ଦେବା ସମୟରେ ପ୍ରଶ୍ନପତ୍ର ବାହାରକୁ ଆସିବା, ଏକ ହ୍ୱାଟସଆପ୍ ଗ୍ରୁପରେ ଉତ୍ତର ପଠାଯିବା ଘଟଣାକୁ ନେଇ ବୁଦ୍ଧିଜୀବୀ ଓ ପୂର୍ବତନ ଛାତ୍ର ବିସ୍ମୟ ପ୍ରକାଶ କରିଛନ୍ତି ।

ପିଜି ଡାକ୍ତରମାନେ ଏମ୍‌ବିବିଏସ୍ ପରେ ଗୋଟିଏ ଲେଖାଏ ବିଷୟରେ ସ୍ୱତନ୍ତ୍ର ଭାବେ ପଢ଼ନ୍ତି । ବହୁ ଆଶାୟୀ ଛାତ୍ରଙ୍କ ମଧ୍ୟରୁ ମାତ୍ର କିଛି ଛାତ୍ରଛାତ୍ରୀଙ୍କୁ ଏହା ମିଳିଥାଏ । ଏହା ପରେ ସେମାନେ ବିଶେଷଜ୍ଞ ଡାକ୍ତର ହୋଇଥା'ନ୍ତି। ଆଉ ସେହି ପରୀକ୍ଷାର ପ୍ରଶ୍ନପତ୍ର ଯଦି ଲିକ୍ ହୁଏ, ତେବେ ଯେଉଁ ଡାକ୍ତର ବାହାରିବେ ସେମାନେ ରୋଗୀଙ୍କ ଚିକିତ୍ସା ନକରିପାରି ମାରିଦେବେ ବୋଲି ଆଲୋଚନା ହେଉଛି।

ଯେହେତୁ ଏହି ପ୍ରଶ୍ନପତ୍ର ଲିକ୍‌ରେ ହ୍ୱାଟସ୍‌ଆପ୍ ସହ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ ବ୍ୟବହାର ହୋଇଛି, ତେଣୁ ଏହାର କ୍ରାଇମବ୍ରାଞ୍ଚ, ସିଆଇଡି, ସିବିଆଇ ତଥା ସାଇବର ସେଲ୍ ଯାଞ୍ଚ କରାଗଲେ, ସତ୍ୟତା ପଦାକୁ ଆସିବ ବୋଲି ଶିକ୍ଷାବିତ୍ ଓ ପୂର୍ବତନ ଛାତ୍ରମାନେ କହିଛନ୍ତି। ଏମ୍‌କେସିଜି କଲେଜ ପକ୍ଷରୁ ମଧ୍ୟ କୁହାଯାଇଛି ଯେ ଆବଶ୍ୟକ ହେଲେ ପୁଲିସର ସାଇବର ସେଲ୍‌କୁ ତଦନ୍ତ ପାଇଁ କୁହାଯିବ।

# ଶାହଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

**ନକ୍ସଲମୁକ୍ତ ଓଡ଼ିଶାଠୁ ଶିଳ୍ପାୟନ ଯାଏଁ ବଡ଼ ଆଲୋଚନା**

ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ନୂଆଦିଲ୍ଲୀରେ ଭେଟିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



ଶୁକ୍ରବାର ହୋଇଥିବା ଏହି ସୌଜନ୍ୟମୂଳକ ସାକ୍ଷାତ ସମୟରେ ରାଜ୍ୟର ଆଇନ-ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ନକ୍ସଲ ଦମନ ସହ ବିକାଶ ଓ ଶିଳ୍ପାୟନ ନେଇ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଦିଗରେ ଚାଲିଥିବା ପଦକ୍ଷେପ ଏବଂ ଆଇନ-ଶୃଙ୍ଖଳା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ଉଭୟ ନେତା ଆଲୋଚନା କରିଥିଲେ। ନକ୍ସଲ ଦମନରେ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଥିବା ଜଣାପଡ଼ିଛି।ଏହାସହ ରାଜ୍ୟରେ ଚାଲିଥିବା ବନ୍ୟା ସ୍ଥିତି ନେଇ ମଧ୍ୟ ଆଲୋଚନା ହୋଇଛି। ବନ୍ୟା ମୁକାବିଲା ପାଇଁ କେନ୍ଦ୍ରୀୟ ସହାୟତା ନେଇ ମଧ୍ୟ ରାଜ୍ୟ ପକ୍ଷରୁ ଆଲୋଚନା କରାଯାଇଛି। ବିକାଶ ସହ ଶିଳ୍ପ ସୁରକ୍ଷା, ସମବାୟ କ୍ଷେତ୍ର ଏବଂ ବନ୍ଦ ପଡ଼ିଥିବା ଚିନି କଳଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ରୀୟ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଭେଟିଛନ୍ତି। ଓଡ଼ିଶାରେ ନୂଆ ରେଳ ପ୍ରକଳ୍ପ, ରେଳ ସଂଯୋଗର ସମ୍ପ୍ରସାରଣ ଏବଂ ପରିବହନ ଭିତ୍ତିଭୂମିକୁ ମଜବୁତ କରିବା ନେଇ ଆଲୋଚନା ହୋଇଛି।ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରର ନିରନ୍ତର ସହଯୋଗରେ ଓଡ଼ିଶା ସମୃଦ୍ଧ ଓ ବିକଶିତ ରାଜ୍ୟ ହେବା ଦିଗରେ ଆଗକୁ ବଢୁଛି। କେନ୍ଦ୍ର-ରାଜ୍ୟ ସମନ୍ୱୟ ଆହୁରି ବଢ଼ିଲେ ଭିତ୍ତିଭୂମି ବିକାଶ ଓ ରାଜ୍ୟର ସାମଗ୍ରିକ ବିକାଶକୁ ଅଧିକ ଗତି ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଲାଞ୍ଚ ନେଇ ଆର୍‌ଆଇ ଓ ସହଯୋଗୀ ଗିରଫ

ଭୁବନେଶ୍ୱର, ୩୧।୭: ସଂଶୋଧିତ ଆର୍‌ଓଆର୍ (ଜମିପଟ୍ଟା) ପ୍ରଦାନ କରିବାକୁ ୩୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)। ଅଭିଯୋଗକାରୀଙ୍କ ଠାରୁ ଏହି ଟଙ୍କା ନେବା ବେଳେ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଟିମ୍ ହାତରେ ରଙ୍ଗେହାତ ଧରାପଡ଼ିଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ପ୍ରେସ୍ ସୂଚନାନୁସାରେ, କଟକଜିଲ୍ଲା ନିଆଳି ତହସିଲ ଅଧୀନ ମାଧବ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ କିଶୋର କୁମାର ସ୍ୱାଇଁ ଏକ ମ୍ୟୁଟେସନ ମାମଲାରେ ସାକାରାତ୍ମକ ରିପୋର୍ଟ ଓ ସଂଶୋଧିତ ଆର୍‌ଓଆର୍ ପ୍ରଦାନ କରିବାକୁ ଅଭିଯୋଗକାରୀଙ୍କୁ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଜଣକ ଏନେଇ ଭିଜିଲାନ୍ସ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତିରେ ଭିଜିଲାନ୍ସ ଦୁର୍ନୀତି ନିବାରଣ ଆଇନର ଧାରା ୭ରେ ନଂ ୨୮ରେ ଏକ ମାମଲା ରୁଜୁ କରିଥିଲେ। ଆଜି (ଶୁକ୍ରବାର) ଯୋଜନାବଦ୍ଧ ଭାବେ ଭିଜିଲାନ୍ସ ଟିମ୍ ଛକି ରହିଥିଲେ। ଅଭିଯୋଗକାରୀଙ୍କ ଠାରୁ ୩୦ହଜାର ଟଙ୍କା ଗ୍ରହଣ କରିବା ସମୟରେ ଆର୍‌ଆଇ ସ୍ୱାଇଁ ଓ ତାଙ୍କର ଜଣେ ଦଲାଲ ସହଯୋଗୀ ସୁକାନ୍ତ କୁମାର ପ୍ରଧାନଙ୍କୁ ରଙ୍ଗେହାତ ଧରିଥିଲେ। ସେମାନଙ୍କ ନିକଟରୁ ରଙ୍ଗବୋଳା ଟଙ୍କା ଜବତ କରାଯାଇଛି।

### ବିଦ୍ୟାଳୟ ବାହାରେ ଅଭାବନୀୟ ଘଟଣା

## ଛୁରା ମାଡ଼ରେ ଦଶମ ଛାତ୍ର ମୃତ

ଜୟପୁର , ୩୧।୭ : କୋରାପୁଟ ଜିଲ୍ଲା ଜୟପୁରର ବାରର୍ଣ୍ଣପୁଟ ଯୋଜନା ଉଚ୍ଚ ବିଦ୍ୟାଳୟ ପରିସର ବାହାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଜଣେ ଅଣ ଛାତ୍ରଙ୍କ ଛୁରା ମାଡ଼ରେ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକ ହେଲେ ମୂରଲୀ ବାଗଙ୍କ ପୁଅ ମହେଶ ବାଗ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠିଙ୍କ ସୂଚନା ଅନୁସାରେ, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ସମୟ ଛୁଟି ବେଳେ ଛାତ୍ର ଜଣକ ବାହାରକୁ ଯିବା ବେଳେ ଛୁରା ମାଡ଼ ହୋଇଛି । ଜଣେ ଅଣଛାତ୍ରଙ୍କ ସହିତ ଛାତ୍ରଙ୍କର କୌଣସି କାରଣକୁ ନେଇ ବଚସା ହୋଇଥିଲା । ଏହା ଉପରେ ଅଣଛାତ୍ର ଜଣକ ତାଙ୍କୁ ଛୁରା ମାଡ଼ କରି ଫେରାର ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛି । ଏ ନେଇ ପୋଲିସକୁ ସୂଚନା ଦିଆଯାଇଛି । ଛୁରା ମାଡ଼ କରିଥିବା ପିଲା ବିଦ୍ୟାଳୟର ନୁହଁନ୍ତି ଏବଂ ଏହି ଘଟଣା ବିଦ୍ୟାଳୟ ପରିସର ବାହାରେ ଘଟିଥିବା ପ୍ରଧାନ ଶିକ୍ଷକ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ପୁଅର ମୃତ୍ୟୁ ଖବର ପାଇବା ପରେ ହସ୍ପିଟାଲର ସମ୍ପର୍କୀୟଙ୍କ ଭିଡ଼ ଜମିଛି । ଦୋଷୀକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି । ତେବେ ପୁଲିସ ଖବର ହସ୍ପିଟାଲରେ ପହଁଚିଛି ।

### ■ ସିଇସି ଓ ନିର୍ବାଚନ ଆୟୁକ୍ତ ନିଯୁକ୍ତି ପ୍ରକ୍ରିୟା

## ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ସୁପ୍ରିମକୋର୍ଟରେ ଦୃଢ଼ ସମର୍ଥନ କଲେ ସରକାର

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି ପ୍ରକ୍ରିୟାକୁ କେନ୍ଦ୍ର ସରକାରସୁପ୍ରିମକୋର୍ଟରେ ଦୃଢ଼ ଭାବେ ସମର୍ଥନ କରିଛନ୍ତି। ପ୍ରଧାନମନ୍ତ୍ରୀ, ଜଣେ କେନ୍ଦ୍ର ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ତିନିଜଣିଆ କମିଟି ଦ୍ୱାରା ହେଉଥିବା ଏହି ନିଯୁକ୍ତିରେ ପ୍ରଧାନମନ୍ତ୍ରୀଙ୍କ ଭୂମିକାକୁ ନେଇ ସନ୍ଦେହ କରିବାର କୌଣସି କାରଣ ନାହିଁ ବୋଲି ସରକାର ଅଦାଲତଙ୍କୁ ଜଣାଇଛନ୍ତି।

ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନ, ୨୦୨୩ର ସାମ୍ବିଧାନିକ ବୈଧତାକୁ ଆହ୍ୱାନ କରି ଦାଖଲ ହୋଇଥିବା ଆବେଦନଗୁଡ଼ିକର ଶୁଣାଣି କରି ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ନିଜର ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣି ସମୟରେ ସୋଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରଧାନମନ୍ତ୍ରୀ ପଦବୀର ଏକ ପବିତ୍ରତା ରହିଛି ଏବଂ କାର୍ଯ୍ୟପାଳିକା ଗଣତାନ୍ତ୍ରିକ ମୂଲ୍ୟବୋଧ ବିରୋଧରେ କାର୍ଯ୍ୟ କରିବ ବୋଲି ଆଗୁଆ ଧାରଣା କରିବା ଅଦାଲତ ପକ୍ଷେ ଉଚିତ ନୁହେଁ। ନିଯୁକ୍ତି କମିଟିକୁ ନେଇ ପ୍ରଶ୍ନ ଉଠାଇବା ଅର୍ଥ ସଂସଦର ସାମ୍ବିଧାନିକ ବିଚକ୍ଷଣତା ଓ ନିର୍ବାଚିତ ଅନୁଷ୍ଠାନଗୁଡ଼ିକ ଉପରେ ରହିଥିବା ବିଶ୍ୱାସକୁ ସନ୍ଦେହ କରିବା ସହ ସମାନ। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ମାମଲାରେ ସମ୍ବିଧାନର ଧାରା ୩୨୪ର ତର୍ଜମା ଜଡ଼ିତ ଥିବାରୁ ଏହାକୁ ଏକ ବୃହତ୍ତର ସମ୍ବିଧାନ ପୀଠକୁ ପଠାଯିବା ଆବଶ୍ୟକ। ୨୦୨୩ ଆଇନ ବଳରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କୁ କମିଟିରୁ ହଟାଇ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସାମିଲ କରାଯାଇଥିଲା, ଯାହା ଦ୍ୱାରା ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ ବହୁମତ ରହିଛି।ଅନ୍ୟପକ୍ଷରେ, ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଏହି ବିଷୟଟି ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅବିଶ୍ୱାସର ନୁହେଁ, ବରଂ ନିର୍ବାଚନ ଆୟୋଗ ଭଳି ଏକ ସ୍ୱାଧୀନ ସଂସ୍ଥାର ନିଯୁକ୍ତି ପ୍ରକ୍ରିୟାରେ ନିରପେକ୍ଷତା ଓ ସାଧାରଣ ଜନତାଙ୍କ ଆସ୍ଥା ବଜାୟ ରଖିବାର ବିଷୟ। ବିଚାରପତି ଦୀପଙ୍କର ଦତ୍ତ ମନ୍ତବ୍ୟ ଦେଇଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଉପରେ ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି, କିନ୍ତୁ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସାଧୁତା ପରିଲକ୍ଷିତ ହେବା ଆବଶ୍ୟକ। ଦୁଇପକ୍ଷର ବ୍ୟାପକ ଯୁକ୍ତିଶୁଣାଣି ପରେ, ମାମଲାଟିକୁ ସମ୍ବିଧାନ ପୀଠକୁ ପଠାଯିବ କି ନାହିଁ ସେହି ପ୍ରାରମ୍ଭିକ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସୁରକ୍ଷିତ ରଖିବା ସହ ଲିଖିତ ପକ୍ଷ ରଖିବାକୁ ଅନୁମତି ଦେଇଛନ୍ତି।

## ଖୋଲିବ ଭିତରକନିକା

କେନ୍ଦ୍ରାପଡ଼ା,୩୧।୭: ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ଦୀର୍ଘ ତିନି ମାସର ବନ୍ଦ ପରେ ଆସନ୍ତାକାଲି, ଅଗଷ୍ଟ ୧ରୁ ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଖୋଲିବ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ। ଏହା ସହ ପୁଣିଥରେ ଜୀବନ୍ତ ହୋଇଉଠିବ ଭିତରକନିକାର ମ୍ୟାଙ୍ଗ୍ରୋଭ ଜଙ୍ଗଲ, ନଦୀ-ନାଳ ଓ ବନ୍ୟଜନ୍ତୁଙ୍କ ମନୋରମ ପରିବେଶ।ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ମେ' ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକାକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଏ। ପ୍ରଜନନ ସମୟରେ ମା' କୁମ୍ଭୀର ଅଧିକ ଆକ୍ରମଣାତ୍ମକ ହୋଇପାରୁଥିବାରୁ କୁମ୍ଭୀର ଓ ପର୍ଯ୍ୟଟକ ଉଭୟଙ୍କ ସୁରକ୍ଷା ପାଇଁ ଏହି କଟକଣା ଜାରି କରାଯାଇଥାଏ। ଚଳିତବର୍ଷ ଭିତରକନିକାରେ ମୋଟ ୧୧୭ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। କନିକା ରେଞ୍ଜର ବିଭିନ୍ନ ଅଞ୍ଚଳରେ ୧୦୬ଟି, ରାଜନଗର ରେଞ୍ଜରେ ୧୦ଟି ଏବଂ ମହାକାଳପଡ଼ା ରେଞ୍ଜରେ ଗୋଟିଏ ବସା ଚିହ୍ନଟ ହୋଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ମା' କୁମ୍ଭୀର ସାଧାରଣତଃ ନଦୀ କିମ୍ବା ନାଳଠାରୁ ଉଚ୍ଚ ସ୍ଥାନରେ ଶୁଖିଲା ପତ୍ର, କାଠିକୁଟା ଆଦିରେ ବସା ତିଆରି କରିଥାଏ। ଗୋଟିଏ କୁମ୍ଭୀର ପ୍ରାୟ ୪୦ରୁ ୬୦ଟି ଅଣ୍ଡା ଦେଇଥାଏ ଏବଂ ପ୍ରାୟ ୭୫ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରିଥାଏ।

### ଏଲ ନିନୋକୁ ମାତ ଦେଲା ମୌସୁମୀ

# ଜୁଲାଇରେ ୧୦୧% ବର୍ଷିଲା

ନୂଆଦିଲ୍ଲୀ, ୩୧।୭: ଜୁଲାଇ ମାସରେ ଭାରତର ଦକ୍ଷିଣ ପଶ୍ଚିମ ବାୟୁ ଜବରଦସ୍ତ କମବ୍ୟାକ କରିଛି। ଜୁଲାଇ ମାସରେ ମୌସୁମୀ ୧୦୧% ବର୍ଷିଛି। ଶକ୍ତିଶାଳୀ ଏଲ ନିନୋ ଯୋଗୁ ମୌସୁମୀ ଦୁର୍ବଳ ହୋଇଯିବ ବୋଲି ଅନେକ ପାଣିପାଗ ବିଶେଷଜ୍ଞ କହିଥିଲେ। ବିଭିନ୍ନ ମଡେଲ ମଧ୍ୟ ଦୁର୍ବଳ ମୌସୁମୀର ଆଶଙ୍କା କରିଥିଲେ। କିନ୍ତୁ ଜୁଲାଇ ମାସରେ ମୌସୁମୀ ସବୁ ଏଲନିନୋ ବିପଦକୁ ମାତ ଦେବାକୁ ସକ୍ଷମ ହୋଇଛି।

ଜୁଲାଇ ମାସରେ ମୌସୁମୀ ନାଟକୀୟ ଢଙ୍ଗରେ କମବ୍ୟାକ କରିବାରୁ ନିଅଣ୍ଟିଆ ବର୍ଷାର ବିପଦ କିଛି ମାତ୍ରାରେ ହ୍ରାସ ପାଇଛି। ଏଥିସହ ଚଳିତ ବର୍ଷ ମୌସୁମୀ ପ୍ରାୟ ସ୍ୱାଭାବିକ ରହିବ ବୋଲି ଆଶା ସୃଷ୍ଟି ହୋଇଛି। ତେବେ ପାଣିପାଗ ବିଶେଷଜ୍ଞମାନେ ଅଗଷ୍ଟ ଓ ସେପ୍ଟେମ୍ବର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମଧ୍ୟ କହିଛନ୍ତି।ବୃଷ୍ଟିପାତର ତଥ୍ୟ ଅନୁଯାୟୀ, ଜୁଲାଇ ୧ରୁ ଜୁଲାଇ ୩୧ ମଧ୍ୟରେ ଭାରତରେ ହାରାହାରି ୨୮୩ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ୨୮୦ ମିମି ବର୍ଷା ସାଧାରଣ ଭାବେ ହେବା କଥା। ଅର୍ଥାତ ଦୀର୍ଘ କାଳୀୟ ସମୟରେ ୧୦୧% ବର୍ଷା ରେକର୍ଡ କରାଯାଇଛି। ମୌସୁମୀର ଏପରି କମବ୍ୟାକ ବେଶ ଆଶ୍ଚର୍ଯ୍ୟଜନକ। କାରଣ ଜୁଲାଇରେ ମୌସୁମୀ ସ୍ୱାଭାବିକ ଠାରୁ କମ୍ ବର୍ଷିବ ବୋଲି ଅଧିକାଂଶ ପାଣିପାଗ ମଡେଲ୍ ପୂର୍ବାନୁମାନ କରିଥିଲେ। ବିକଶିତ



ହେଉଥିବା ସୁପର ଏଲ୍ ନିନୋର ପ୍ରଭାବ ପଡ଼ିବ ବୋଲି ସମସ୍ତେ ଦର୍ଶାଇଥିଲେ। କିନ୍ତୁ ଜୁଲାଇର ବର୍ଷା ସେହି ସବୁ ପୂର୍ବାନୁମାନକୁ ଭୁଲ ପ୍ରମାଣିତ କରିଛି।ଜୁଲାଇ ଆରମ୍ଭରେ ଦେଶର ହାରାହାରି ୪୦% କମ ବର୍ଷା ହୋଇଥିଲା। କିନ୍ତୁ ମାସ ଶେଷ ସୁଦ୍ଧା ଏହା ୧୨.୬%କୁ ଖସି ଆସିଛି। ପାଣିପାଗ ବିଶେଷଜ୍ଞମାନଙ୍କ କହିବା କଥା ଯେ କେନ୍ଦ୍ରୀୟ ଭାରତରେ କ୍ରମାଗତ ସୃଷ୍ଟି ହେଉଥିବା ଲଘୁଚାପ କ୍ଷେତ୍ର ଓ ମୌସୁମୀ ଜନିତ ଅବପାତ ଯୋଗୁ ଦେଶର ଅନେକ ଅଞ୍ଚଳରେ ବର୍ଷାର ପରିମାଣ ବଢ଼ିଛି।ଏବେ ବି କେନ୍ଦ୍ରୀୟ ଭାରତ ଉପରେ ଥିବା ଗଭୀର ଅବପାତ ମୌସୁମୀ ବର୍ଷାକୁ ଆହୁରି ସକ୍ରିୟ କରିଛି। ବିଶେଷ କରି ଗୁଜରାଟରେ ଅତି ପ୍ରବଳ ବର୍ଷାର ଆଶଙ୍କା ରହିଛି।ଆସନ୍ତା ୨୪ରୁ ୩୬ ଘଣ୍ଟା ଦକ୍ଷିଣ ଗୁଜରାଟ ବିଶେଷକରି ସୁରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ସେଠାରେ ୨୦୦ରୁ ୪୦୦ ମିମି ଯାଏ ବର୍ଷା ହୋଇପାରେ। ପାଣିପାଗ ବିଶେଷଜ୍ଞମାନେ ଗଭୀର ଅବପାତକୁ ଭାକ୍ୟୁମ୍ କ୍ଲିନର୍ ସହ ତୁଳନା କରିଛନ୍ତି। ସେମାନଙ୍କ କହିବା କଥା ଯେ ଏହା ଦେଶର ବିଭିନ୍ନ ଅଞ୍ଚଳରୁ ଆର୍ଦ୍ରତା ଓ ଘଡ଼ଘଡ଼ି ସହ ବର୍ଷା ନିଜ ଆଡ଼କୁ ଟାଣି ଆଣି ଏହାର ଚାରିପାଖରେ ପ୍ରବଳ ବୃଷ୍ଟିପାତରେ ସହାୟତା କରୁଛି।

ତେବେ ମୌସୁମୀ ଋତୁ ଏଯାଏ ଶେଷ ହୋଇନାହିଁ। ଦେଶରେ ନିଅଣ୍ଟିଆ ବର୍ଷା ସ୍ଥିତି ଅଗଷ୍ଟ ଓ ସେପ୍ଟେମ୍ବର ମାସର ବୃଷ୍ଟିପାତ ହିଁ ନିର୍ଣ୍ଣୟ କରିବ। ବିଶେଷକରି ସେପ୍ଟେମ୍ବର ମାସରେ ଏଲ୍ ନିନୋର ପ୍ରଭାବ ସାଧାରଣତଃ ସର୍ବାଧିକ ରହିଥାଏ। ସେହିପରି ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାର ଶେଷ ପର୍ଯ୍ୟାୟ କୃଷି, ଜଳଭଣ୍ଡାର ଓ ଦେଶର ଜଳ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେମାନେ କହିଛନ୍ତି।

# ଭଦ୍ରକରେ ୮୦ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭଦ୍ରକ,୩୧/୦୭ (ଆ ନି ସ):ଚଳିତ ବର୍ଷର ୮୦ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳପଡିଆ ଠାରେ ମହା ସମାରୋହର ସହିତ ପାଳନ



କରାଯିବ । ଏହି ଜାତୀୟ ଉତ୍ସବଟିକୁ କିଭଳି ସରସ ସୁନ୍ଦର ଭାବେ ପାଳନ କରାଯିବ ସେଥି ନିମନ୍ତେ ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ , ଡି ଆଇ ବି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ବିବେଦୀ ଉପସ୍ଥିତ ରହିଥିଲେ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଏହି ଜାତୀୟ ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଆଶାପ୍ରକଟ କରିଥିଲେ । ଏହି ଜାତୀୟ ଦିବସ ପାଳନ ଉପଲକ୍ଷେ ଅଗଷ୍ଟ ୬ତାରିଖରେ ବକ୍ତୃତା (ଓଡ଼ିଆ ଓ ଇଂରାଜୀ) , ଅଗଷ୍ଟ ୭ ତାରିଖରେ ଲିଖିତ ସାଧାରଣ ଜ୍ଞାନ ଓ ଦେଶାତ୍ମକବୋଧ ସଙ୍ଗୀତ ଏବଂ ଅଗଷ୍ଟ ୧୦ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହେବ । ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ସ୍ୱାଧୀନତା ଦିବସ ଦିନ ସକାଳ ଘ. ୭.୩୦ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ପୂର୍ବାହ୍ନ ଘ.୯.୧୫ମି. ସମୟରେ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ୍ ର ଅଭିବାଦନ ଗ୍ରହଣ କରିବେ । ଅଗଷ୍ଟ ୧୫ ତାରିଖ ଦିନ ରକ୍ତଦାନ ଓ ରକ୍ତ ବର୍ଗୀକରଣ ଶିବିର ,ଚିତ୍ରକଳା ପ୍ରଦର୍ଶନୀ ,ସ୍ୱାଧୀନତା ସଂଗ୍ରାମୀ,ବିଶିଷ୍ଟ ବ୍ୟକ୍ତି ଓ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ୟାରେଡ୍ ଅଭ୍ୟାସ ଅଗଷ୍ଟ ୧୨ ଓ ୧୩ ତାରିଖ ରେ ହେବ । ସନ୍ଧ୍ୟା ସମୟରେ ଟାଉନ ହଲ ଠାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ ନୃତ୍ୟ କାର୍ଯ୍ୟକ୍ରମ ଓ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ ପ୍ରଦାନ କରାଯିବ ।

# ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସୁକନ୍ୟା ଅନ୍ତର୍ଭୂକ୍ତିକରଣ ଶିବିର

ଭଦ୍ରକ , ୩୧/୦୭ (ଆ ନି ସ )-ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସୁକନ୍ୟା ଅନ୍ତର୍ଭୂକ୍ତିକରଣ ଶିବିର ଦୋସିଙ୍ଗା ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ଦୋସିଙ୍ଗା, ଚାନ୍ଦବାଲିରେ ଅନୁଷ୍ଠିତ



ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ଥାନା ର ଅଧକ୍ଷ ଦୟାନିଧି ଦାସ, ଧାମରା ଥାନାର ଏସ୍ ଆଇ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ଦୋସିଙ୍ଗା ଗ୍ରାମ ପଞ୍ଚାୟତ ର ସରପଞ୍ଚ, ଦୋସିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ, ଦୋସିଙ୍ଗା ସେକ୍ଟର ର ସୁପର୍ଭାଇଜର ମହୋଦୟା ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ଲୋକ ମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ସହାୟକ ହେବ ବୋଲି କହି ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷ ଓ ବସୁଦେବପୁର ଥାନା ର ଏସ ଆଇ ଲୋକମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ ଓ ସୋସିଆଲ ମିଡ଼ିଆର ସଠିକ୍ ବ୍ୟବହାର କରିବାର ଉପାୟମନ ଜଣାଇ ଥିଲେ। ପଦ୍ମନ କୁମାର ରାୟ ଓ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ର ମ୍ୟାନେଜର ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ। ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଓ ସରପଞ୍ଚ ମହୋଦୟ ଲୋକମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ।ଏହି ସଭାରେ ମୋଟ ୧୫୦ ଜଣ ଅଭିଭାବକ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ଡାକ ବିଭାଗ ଏଜେଣ୍ଟ ମାନେ ଯୋଗଦେଇଥିଲେ । ସଞ୍ଚୟ ଓ ସଚେତନତା ଆଜିର ଆବଶ୍ୟକତା ଏହି ଥିମ୍ ରେ ସଭାଟି ଆୟୋଜିତ ହୋଇଥିଲା।ଏହି ସଭାରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଆକାଉଣ୍ଟ ଖୋଲା କାର୍ଯ୍ୟକ୍ରମ ଓ ଆଧାର ଶିବିର ମଧ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୦ ରୁ ଅଧିକ କନ୍ୟା ଓ ବ୍ୟକ୍ତି ମାନେ ଉପକୃତ ହୋଇପାରିଛନ୍ତି।


# ସୂଚନା ଅଧିକାରୀ ବାବୁଙ୍କ ଅଜବ ନୀତି ଚିଠିକୁ ପାଠକେ ବୁଝିବେ

ଖପ୍ରାଖୋଲ ୩୧।୦୭ (ଆନିସ) : ଖପ୍ରାଖୋଲ ବ୍ଲକ ରେ ବିଭିନ୍ନ ଅନିୟମିତତା କୁ ନେଇ ଲୋକ ସୂଚନା ଅଧିକାର ମଗା ଯାଉଛି । ସରକାରୀ ନିୟମ ଅନୁସାରେ ସୂଚନା ଅଧିକାର ଆଇନ ବଳରେ ସମସ୍ତେ ନିଜ ଅଞ୍ଚଳ ଓ ବ୍ଲକ କିମ୍ବା ଜିଲ୍ଲା ରେ ହେଉଥିବା ଉନ୍ନତି ମୁଳକ କାମ ର ସବିଶେଷ ବିବରଣୀ ସମ୍ପୃକ୍ତ ବିଭାଗ ଦେବା କଥା କିନ୍ତୁ ସୂଚନା ଅଧିକାର ଦାଇତ୍ୱରେ ଥିବା ଅଧିକାରୀଙ୍କୁ ପଞ୍ଚାୟତ ମାନଙ୍କ ତଥ୍ୟ ଦେବା ପାଇଁ ଆରଟିଆଇ ମଗାଯାଇଥିଲା ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଆରଟିଆଇ ମାଗିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ପତ୍ର ମାଧ୍ୟମରେ କୌଣସି ଉତ୍ତର ଦେଇନଥିଲେ । ଫଳରେ, ସେହି ବିଷୟକୁ ନେଇ ଖବରକାଗଜରେ ପ୍ରକାଶ କରାଯାଇଥିଲା । ଉକ୍ତ ଖବରକୁ ଅନଲାଇନ ଜନଶୁଣାଣୀ ରେ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । କରିଥିବା ଅଭିଯୋଗର ପ୍ରତି ଉତ୍ତର ରେ ଖପ୍ରାଖୋଲ ଲୋକ ସୂଚନା ଅଧିକାର ଦାଇତ୍ୱରେ ଥିବା ଅଧିକାରୀ ବାବୁ ଜଣଙ୍କ ଆରଟିଆଇ ମାଗିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ପତ୍ର ମାଧ୍ୟମରେ ନିଜ କାର୍ଯ୍ୟାଳୟକୁ ଆସି ସମାଧାନ କରିବା ପାଇଁ ଉଲ୍ଲେଖ କରିଛନ୍ତି । ସୂଚନା ତଥ୍ୟ ଦେବା ବଦଳରେ ଏପରି ଚିଠି ଲେଖି କାର୍ଯ୍ୟାଳୟକୁ ଡକାଇବା କେତେ ଦୂର ଯୁକ୍ତିଯୁକ୍ତ ପାଠକେ ବୁଝିବେ ।

# ସମ୍ବଲପୁରରେ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭର୍ଚୁଆଲ ବୈଠକ

ସମ୍ବଲପୁର, ୩୦।୭ (ଆନିସ): ସମ୍ବଲପୁର ସହରରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତିର ଆଶଙ୍କା ଏବଂ କ୍ରମାଗତ ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାର ସ୍ଥାୟୀ ନିରାକରଣ ପାଇଁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସାଂସଦ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରବାସୀଙ୍କୁ ଏହି ବାରମ୍ବାର ସୃଷ୍ଟି ହେଉଥିବା ଜଳବନ୍ଦୀ ସମସ୍ୟାରୁ ମୁକ୍ତି ଦେବା ଆମର ପ୍ରାଥମିକତା । ଏଥିପାଇଁ ସ୍ଥାନୀୟ ପ୍ରଶାସନ, ବିଶେଷଜ୍ଞ ଓ ସିଭିଲ ସୋସାଇଟି ଦ୍ୱାରା ଦିଆଯାଇଥିବା ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଗ୍ରହଣ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମ୍ବଲପୁର ମ୍ୟୁନିସିପାଲ କମିଶନରଙ୍କ ପକ୍ଷରୁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ଓ ଜରୁରୀ ସୂଚନାକୁ ପବ୍ଲିକ ଡୋମେନ୍ ରେ ସାର୍ବଜନୀନ କରାଯାଉ, ଯାହାଦ୍ୱାରା ନାଗରିକମାନେ ସଚେତନ ରହିପାରିବେ । ସହରର ଡ୍ରେନେଜ, ସ୍ୱରେଜ, ପାନୀୟ ଜଳ ଓ ଆବର୍ଜନା ପରିଚାଳନା ଭଳି ଚାରୋଟି ମୁଖ୍ୟ ସମସ୍ୟାର ସମାଧାନ ପାଇଁ ଏକ ବିସ୍ତୃତ ଓ ରଣନୈତିକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଉ । ଜଳବନ୍ଦୀ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜେସିବି, ବୁଲଡୋଜର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ସାହାଯ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ନାଳ-ନର୍ଦ୍ଦମାରୁ ଅବରୋଧ ହଟାଯିବାର ବ୍ୟବସ୍ଥା



କରାଯାଉ । ଏହି ସମୟରେ କୌଣସି ପରିବାର ଯେପରି ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଜଳ ଯୋଗାଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରାଯାଉ । ଜଳବନ୍ଦୀ ନିରାକରଣ କେବଳ ସରକାରୀ ପ୍ରକଳ୍ପରେ ସୀମିତ ନରହି, ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ ହେବା ଆବଶ୍ୟକ । ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନେ ଆଗେଇ ଆସି ଡ୍ରେନଗୁଡ଼ିକୁ ସ୍ୱଚ୍ଛ ରଖିବା ସହ ଏଣେତେଣେ ଆବର୍ଜନା ନଫୋପାଡ଼ିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି ।

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବର୍ଷା ଜଳ ଶୀଘ୍ର ନିଷ୍କାସନ ପାଇଁ ତଳିଆ ଅଞ୍ଚଳରେ ଅସ୍ଥାୟୀ ହାଇ-ପାୱାର ପମ୍ପସେଟ୍ ସ୍ଥାପନ, ମୁଖ୍ୟ ଡ୍ରେନ୍‌ଗୁଡ଼ିକରୁ ପଙ୍କ ଉଦ୍ଧାର ଏବଂ ଜଳପ୍ରବାହରେ ବାଧା ସୃଷ୍ଟି କରୁଥିବା ଅବରୋଧଗୁଡ଼ିକୁ ତୁରନ୍ତ ହଟାଯାଉଛି । ବୈଠକରେ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂସ୍ଥା ଓ ସିଭିଲ ସୋସାଇଟିର ସଦସ୍ୟମାନେ ସକ୍ରିୟ ଭାବେ ଯୋଗଦେଇ ତଳିଆ ଅଞ୍ଚଳର ବାସ୍ତବ ସମସ୍ୟା, ନାଳ-ନର୍ଦ୍ଦମାର ସ୍ଥିତି ଏବଂ ନଗର ପରିଚାଳନା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ପ୍ରମୁଖ ସାମିଲ ହୋଇ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି ।

# ବିନିକା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସାଧାରଣ ବୈଠକ

ବିନିକା,୩୧।୭(ଆନିସ ) ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସଭାଗୃହରେ ପଞ୍ଚାୟତ ସମିତି ସାଧାରଣ ବୈଠକ ବିନିକା ବ୍ଲକ ଅଧକ୍ଷା ଦିପ୍ତିରେଖା ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବିନିକା ବିଡ଼ିଓ ଶରତ କୁମାର ବାଗ ବୈଠକ ପରିଚାଳନା କରିଥିଲେ । ପ୍ରଥମେ ବିନିକା ବ୍ଲକ ଗ୍ରା.ପ ଉନ୍ନୟନ ଅଧିକାରୀ ଶିବରାମ ମିଶ୍ର ପୁର୍ବ ବୈଠକ ର ବିବରଣୀ ପଠନ କରିବାପେରେ ପୂର୍ବ ବୈଠକ ଉପରେ ଆଲୋଚନା କରି ଦୃଢ଼ୀ କରଣ କରାଯାଇଥିଲା । ଏହି ବୈଠକରେ ବ୍ଲକର ସ୍ୱାସ୍ଥ୍ୟ, ପାନୀୟଜଳ , ଜଙ୍ଗଲ ବିଭାଗ, କୃଷି ବିଭାଗ ତଥା ଅନ୍ୟାନ୍ୟ ବ୍ଲକ ସ୍ତରୀୟ ଅଧିକାଂଶ ଅଧିକାରୀ ବୈଠକରେ ଅନୁପସ୍ଥିତ ଥିବାରୁ ବୈଠକରେ କ୍ଷଭପ୍ରକାଶ ପାଇଥିଲା । ବୈଠକରେ ସ୍ୱାସ୍ଥ୍ୟ, ପଶୁପାଳନ, ପାନୀୟଜଳ, ସାଧାରଣ ବଣ୍ଟନ, ବିଦ୍ୟୁତ, ମହିଳା ଓ ଶିଶୁ ବିକାଶ ଯୋଜନା, ଶିକ୍ଷା, ଜଳସେଚନ, ଜଙ୍ଗଲ,କୃଷି, ଉଦ୍ୟାନ , ସମବାୟ, ମତ୍ସ୍ୟଚାଷ, ତହସିଲ ଭୁକ୍ତ ଜାତି ଓ ଜନଜାତି ମଙ୍ଗଳ, ସାମାଜିକ ସୁରକ୍ଷା, ବିଭିନ୍ନ ଉନ୍ନୟନ ମୂଳକ ତଥା ଅନ୍ୟାନ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା । ବୈଠକରେ ସାଧାରଣ ବଣ୍ଟନ ବିଭାଗର ଅନେକ ଖାଉଟି କାର୍ଡ ରେ ନା ବାଳକ ନା ବାଳିକା ମାନଙ୍କ ନାମ ସାମିଲ କରିବାରେ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଆଲୋଚନା ରେ ସନ୍ତୋଷ ଜନକ ନ ଥିଲା । ବିଦ୍ୟୁତ ବିଭାଗ ପଞ୍ଚାୟତ ମାନଙ୍କୁ ଲାଗିଥିବା ଷ୍ଟ୍ରିଟ ଲାଇଟ ଅଧିକ ବିଲ ଉପରେ ତର୍ଜମା କରି ବାକୁ ବିଭାଗ ଅଧିକାରୀଙ୍କୁ ସରପଞ୍ଚ ବୃନ୍ଦ ଦାବି ରଖିଥିଲେ ।

ବୈଠକରେ ସୋନପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ନନ୍ଦ, ସାସଂଦ ପ୍ରତିନିଧି ବିଶ୍ବମ୍ବର ମିଶ୍ର, ବ୍ଲକ ଉପାଧକ୍ଷ ନିର୍ମଳ ଷାଣ୍ଡ ,ସରପଞ୍ଚ ସଂଘ ସଭାପତି ରଜତ କୁମାର ପଧାନ,ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି , କୁହିବାହଲ ସରପଞ୍ଚ ସୁଦାମ ପଧାନ, ସିଂଘିଯୁବା ସରପଞ୍ଚ ପଦ୍ମିନୀ ତ୍ରୀପାଠୀ, ମହଦା ସରପଞ୍ଚ ଭୀମସେନ ସିଂଦେଓ,ବାବୁପାଲି ସରପଞ୍ଚ ସୌଦାମିନୀ ସାହୁ,ବାଙ୍କିଘିର୍ଡ଼ି ସମିତିସଭ୍ୟ ମାନସ ବେହେରା , ସିନ୍ଦୁରପୁର ସରପଞ୍ଚ କଳାକାହ୍ନୁ ସୁନା ସମେତ ବିନିକା ବ୍ଲକ ୧୬ ଗୋଟି ଗ୍ରାମ ପଞ୍ଚାୟତ ସମିତି ସଭ୍ୟ/ସଭ୍ୟା ,ସରପଞ୍ଚ, ଆଲୋଚନାରେ ଭାଗନେଇଥିଲେ ।ଏଥିରେ ବିନିକା ବିଦ୍ୟୁତ ବିଭାଗ ଏସଡ଼ିଓ ଉଦୟ ଶଙ୍କର ପାଢଯୋଶୀ, ବିଇଓ ଲକ୍ଷ୍ମଣ ମିଶ୍ର, ସହକାରୀ ନିର୍ବାହି ଯନ୍ତ୍ରୀ ବିଜୟ କୁମାର ପୂର୍ତ୍ତି, ରାମପୁର କେନାଲ ଏଇଇ ଅଭିନନ୍ଦନ କିଶାନ, ସପ୍ଲାଏ ଇନସ୍ପେକ୍ଟର ପ୍ରମୋଦ ଚନ୍ଦ୍ର ପଣ୍ଡା, ବିନିକା ଫରେଷ୍ଟର ବନମାଳି ପାଣ୍ଡେ, ଆରଡ଼ବ୍ଲୁଡ଼ି ଜେଇ ବିଶ୍ବନାଥ ହାସ୍ତାଦ, ଭାରାପ୍ରାପ୍ତ ସିଡ଼ିପିଓ ରେଣୁକା ପଣ୍ଡା, ସମେତ ବିନିକା ବ୍ଲକ କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ।

# ସୁଶାନ୍ତ ସିଂଙ୍କ ବିୟୋଗରେ କୁଚିଣ୍ଡାରେ ବିଜେଡିର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଶୋକ ସଭା

କୁଚିଣ୍ଡା, ୩୧/୦୭: ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କ ବିୟୋଗରେ ଆଜି କୁଚିଣ୍ଡା ଟାଉନ ହଲ୍‌ଠାରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଦଳର ବହୁ ନେତା, କର୍ମୀ ଓ ସମର୍ଥକମାନେ ଉପସ୍ଥିତ ରହି ସ୍ୱର୍ଗତ ସୁଶାନ୍ତ ସିଂଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଶୋକ ସଭାରେ ସୁଶାନ୍ତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବକ୍ତାମାନେ ତାଙ୍କ ଦୀର୍ଘ ରାଜନୈତିକ ଜୀବନ, ଜନସେବା ପ୍ରତି ନିଷ୍ଠା ଓ ଲୋକଙ୍କ ସହ ନିବିଡ଼ ସମ୍ପର୍କକୁ ସ୍ମରଣ କରି କହିଥିଲେ ଯେ, ତାଙ୍କ ବିୟୋଗ ରାଜ୍ୟ ରାଜନୀତି ଏବଂ ବିଜୁ ଜନତା ଦଳ ପାଇଁ ଏକ ଅପୂରଣୀୟ କ୍ଷତି।ଏହି ଅବସରରେ ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ରାଜେନ୍ଦ୍ର ଛତ୍ରିଆ, ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରସ୍ତୁତ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, କୃଷ୍ଣ ଚନ୍ଦ୍ର ଟୋପ୍ପୋ, ତନୟା ଧୁରୁଆ, ଗଣେଷ ଅଗ୍ରୱାଲ,ଗଣେଷରାମ ଅଗ୍ରୱାଲ,ଅଭିଳାଷ ଅଗ୍ରୱାଲ,ସଞ୍ଜୟ ବେହେରା, ନଗର ବିଜେଡ଼ି ସଭାପତି ନବୀନ ହୋତା, ବରଦାନନ୍ଦ ଶର୍ମା, ଏନଏସି ଉପାଧକ୍ଷାଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଶେଷରେ ସମସ୍ତେ ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଆଦର୍ଶ ଓ ଜନସେବାର ମୂଲ୍ୟବୋଧକୁ ଆଗେଇ ନେବା ପାଇଁ ସଂକଳ୍ପ ବ୍ୟକ୍ତ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଗଭୀର ଶୋକାକୁଳ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା।

# ପଚ୍ଚାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଗମ୍ଭୀର, ବିପଦ ସଂକେତ ଉପରେ ବ୍ରାହ୍ମଣୀ

## ବ୍ୟାପକ ଅଂଚଳ ଜଳମଗ୍ନ
## ସିଂହଗାଁ, ଶ୍ରୀରାମପୁର, ଡାମରପୁର ବାଛରା ବାଲିପାଟଣା ତନୁପୁର ବାହ୍ୟଜଗତରୁ ବିଛିନ୍ନ
## କୁମ୍ଭୀର ଆତଙ୍କରେ ଥରହର ଧୋୟାଞ୍ଚଳ
## ଡ଼ଙ୍ଗା, ଗୋଖାଦ୍ୟ, କିରୋସିନ, ବ୍ଲିଚିଙ୍ଗ ଦାବୀ



ପଚ୍ଚାମୁଣ୍ଡାଇ,୩୧।୭ (ଆନିସ): ପଚ୍ଚାମୁଣ୍ଡାଇ ଅଞ୍ଚଳରେ ବାରମ୍ବାର ଲଘୁଚାପ ଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଚ୍ଚାମୁଣ୍ଡାଇ ବ୍ଲକର ୧୪ ପଂଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ ଲୋକ ଓ ୧୫ହଜାର ଗୃହ ପାଳିତ ପଶୁ ଜଳବନ୍ଦୀ ହୋଇପଡିଛନ୍ତି ପଚ୍ଚାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଂଚଳ ଭାବେ ପରିଚିତ ସିଂହଗାଁ ପଂଚାୟତ ବାହ୍ୟଜଗତ ରୁ ବିଛିନ୍ନ ହୋଇପଡିଛି ପଚ୍ଚାମୁଣ୍ଡାଇ ବ୍ଲକ ସିଂହଗାଁ ପଂଚାୟତର ସିଂହଗାଁ, କୃଷ୍ଣଦାସପୁର,ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଛିନ୍ନ ହୋଇପଡିଛି ଅଳପୁଆ ପଂଚାୟତ ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହ ସାହି,ତରଡ଼ିପାଳ ପଂଚାୟତର ପୋଖରୀକୂଳ,ଗୋପାଳପୁର, ଜେନାସାହି, ବିଶ୍ୱାଳ ସାହି, ନାଥସାହି,ମଳିକସାହି ଘାଗରାଡିଆ ପେଣ୍ଠପାଳ ପଂଚାୟତର କୂଳସାହି, କୋଳଥିଆ,ବାଲିକିରା,ଦାଣ୍ଡିସାହି ଦାଣ୍ଡିସାହି,ଅଣରା ପଂଚାୟତର ବ୍ରହ୍ମପୁର,ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଂଚାୟତର ନୂଆଡିଆ,ଜଗନ୍ନାଥ ପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଂଚାୟତର ଫୁଲପାଟଣା ଆଦି ବହୁ ଗ୍ରାମ ଓ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇ ପଡିଛି ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟିଛି ଗତବର୍ଷ ପଚ୍ଚାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଓ ସମ୍ପ୍ରତି ବନ୍ୟା ବିପନ୍ନ ବିଭିନ୍ନ ଅଂଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି ଫଳରେ ଲୋକମାନେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡି ରହିଛି ସୁବଳପୁର -ଗୋଜିଆକଣ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି ସେହିପରି ପଚ୍ଚାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଂଚାୟତର ବିଭିନ୍ନ ଅଂଚଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି ବନ୍ୟା ବିପନ୍ନ ବିଭିନ୍ନ ପଂଚାୟତର ରାସ୍ତା ଗୁଡିକ ବୁଡି ଯାଇଥିବାରୁ ଯାତାୟାତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି ରାଜନଗର ବିଧାୟକ ଧ୍ରୁବ ସାହୁବନ୍ୟାବିପନ୍ନ ଲୋକମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିବା ସହିତ ବନ୍ୟା ମୁକାବିଲା ରେ ଜିଲ୍ଲା ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ବନ୍ୟା ବିପନ୍ନ ପଚ୍ଚାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷ ଜମି ବନ୍ୟାଜଳରେ ବୁଡି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି ବନ୍ୟା ବିପନ୍ନଲୋକମାନେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଂଚିତ ହୋଇଥିବା ବେଳେ ଗୃହପାଳିତ ପଶୁମାନେ ଗୋ ଖାଦ୍ୟ ପାଇଁ ତହଲବିକଳ ହେଉଛନ୍ତି କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ପଚ୍ଚାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ବିଡ଼ିଓ ଶୀତଲ ଅଗ୍ରୱାଲ ବ୍ଲକର ବିଭିନ୍ନ ବନ୍ୟା ବିପନ୍ନ ଅଂଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଲୋକ ମାନଙ୍କୁ ଅଭାବ ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି ପଚ୍ଚାମୁଣ୍ଡାଇ ବ୍ଲକର ମାଳିପୁର ରାସ୍ତା ବୁଡି ଯାଇ ଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟ ଜଗତରୁ ବିଛିନ୍ନ ହୋଇପଡିଛି ସେହିପରି ପଚ୍ଚାମୁଣ୍ଡାଇ ପୌରାଞ୍ଚଳ ର ତନୁପୁର ରାସ୍ତା ବୁଡି ଯାଇ ଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର,ନନ୍ଦିନୀନଗର ବାହ୍ୟ ଜଗତରୁ ବିଛିନ୍ନ ହୋଇପଡିଛି ପଚ୍ଚାମୁଣ୍ଡାଇ ବ୍ଲକର ବାଛରା ପଂଚାୟତ ମଣ୍ଡପଡା ବାଛରା ରାସ୍ତା ବୁଡି ଯାଇଥିବାରୁ ବାଛରା ମଣ୍ଡପଡା ବାହ୍ୟଜଗତ୍ରରୁ ବିଛିନ୍ନ ହୋଇପଡିଛି ପଚ୍ଚାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଡା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡିବା ସହିତ ଶହ ଶହ ଏକର ଚାଷଜମି ମଧ ବୁଡି ରହିଛି ତଳବାଲିପଡ଼ା ବାଲି ଉପରକୁ ଯିବା ରାସ୍ତା ବୁଡି ଯାଇଥିବାରୁ ୨୦ ପରିବାର ଜଳ ବନ୍ଦୀ ହୋଇପଡିଛନ୍ତି ବନ୍ୟା ପାଣିରେ ବୁଡି ରହି ପନିପରିବା ସମେତ ବିଭିନ୍ନ ଫସଲ ନଷ୍ଟ ହୋଇଛି . ବନ୍ୟା ସ୍ଥିତି ଗମ୍ଭୀର ହୋଇ ଥିବାରୁ ଦୁର୍ବଳ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ଘାଇ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଇଂ ରବୀନ୍ଦ୍ର ସେଠୀ,ସହସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ, ଇଂ ଦୀପ୍ତିରଞ୍ଜନ ବେହୁରା, ଇଂ ସୁନୀଲ ନାୟକ ପ୍ରମୁଖ ଦୁର୍ବଳ ନଦୀବନ୍ଧ ଗୁଡିକ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗହୋଇପଡିଛି ପଚ୍ଚାମୁଣ୍ଡାଇ ବ୍ଲକର ୧୪ ପଂଚାୟତର ୫୦ ହଜାରରୁ ଉର୍ଦ୍ଧ ଲୋକ ଓ ପୌରାଞ୍ଚଳର ୧୧ଟି ୱାର୍ଡର ୧୧ହଜାର ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି ପ୍ରାୟ ୧୫ ହଜାରରୁ ଉର୍ଦ୍ଧ ଗୃହପାଳିତ ପଶୁ ଗୋ ଖାଦ୍ୟ ପାଇଁ ତହଲ ବିକଳ ହେଉଛନ୍ତି ରାସ୍ତାଘାଟ ବୁଡି ଯାଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହେଉଛି ସମ୍ପ୍ରତି ବନ୍ୟା ସ୍ଥିତି ଗମ୍ଭୀର ହୋଇଥିବା ଓ ବନ୍ୟା ଯୋଗୁଁ ପରିବେଶ ଦୂଷିତ ହୋଇ ଚାରିଆଡେ ଝାଡା ବାନ୍ତି, ଥଣ୍ଡା, ଜ୍ୱର ଲାଗି ରହିଛି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭା ଠାରେ ବନ୍ୟା ଜଳ ୧୭. ୫ ଫୁଟ ରହିଛି ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି ସରକାର ତଥା ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଔଷଧ ସାଲାଇନ, ବ୍ଲିଚିଙ୍ଗ, ଗୋ ଖାଦ୍ୟ କିରୋସିନ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି

# ବନମାଳ ପୂର୍ଣ୍ଣମୀ ରଥଯାତ୍ରା ସହିତ ଗୌଡପାଲି ନୀଳାଦ୍ରି ବିଜେ ସଂପନ୍ନ

ଗୌଡ଼ପାଲି, ୩୧।୦୭ (ଆନିସ):ବନମାଲ ଗ୍ରାମର ପୂର୍ଣ୍ଣମୀ ରଥଯାତ୍ରା ସମାପନ ସହିତ ଗୌଡ଼ପାଲି ଗ୍ରାମର ନିଆରା ଘୋଷଯାତ୍ରା ସମ୍ପନ୍ନ ହୋଇଯାଇଛି। ଏଥି ସହିତ ଗତକାଲି ସନ୍ଧ୍ୟାରେ ଗୌଡପାଲି ଶ୍ରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସହିତ ବଳଦେବ ଜୀଉ ଓ ସୁଭଦ୍ରା ଦେବୀଙ୍କର ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ସମାପନ ହୋଇଛି।

ଜମନକିରା ବ୍ଲକ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୌଡ଼ପାଲି ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ଶ୍ରୀଜୀଉମାନଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଥାଏ। ଏଠିକାର ଘୋଷଯାତ୍ରା ଟିକିଏ ନିଆରା ଢଙ୍ଗରେ ପାଳନ ହୋଇଥାଏ। ଶ୍ରୀଜୀଉ ଗୌଡପାଲି ଗ୍ରାମରେ ଯାତ୍ରା କରିବା ସହ ଗୌଡପାଲି ରଥଯାତ୍ରା ଓ ବାହୁଡ଼ାଯାତ୍ରାର ଦୁଇ ଦିନ ପରେ ନିକଟସ୍ଥ ପଡୋଶୀ ଗ୍ରାମ କୁଲୁଣ୍ଡି ଗ୍ରାମକୁ ଜଗନ୍ନାଥଙ୍କୁ ନିଆଯାଇ ରଥଯାତ୍ରା ଓ ବାହୁଡ଼ାଯାତ୍ରା ପାଳନ ହୋଇଥାଏ ଓ ଉକ୍ତ ଦିନ ସନ୍ଧ୍ୟାରେ ମହାପ୍ରଭୁ ନିଜ ମାଉସୀ ମନ୍ଦିର ଗୌଡପାଲିକୁ ଫେରିଆସନ୍ତି। ପରେ ପୂର୍ଣ୍ଣମୀ ଦିନ ଶ୍ରୀଜଗନ୍ନାଥଙ୍କୁ ନିକଟସ୍ଥ ବନମାଲ ଗ୍ରାମକୁ ନିଆଯାଇ ରଥଯାତ୍ରା ପାଳନ ହୋଇଥାଏ। ପୂର୍ଣ୍ଣମୀ ଦିନ ବନମାଲ ଗ୍ରାମରେ ଯାତ୍ରା ସରିଲା ପରେ ସନ୍ଧ୍ୟାରେ ମହାପ୍ରଭୁ ଗୌଡ଼ପାଲି ପହଞ୍ଚି ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ସହିତ ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ନିଳାଦ୍ରୀ ବିଜେ କରନ୍ତି। ଏହିକ୍ରମରେ ଗୌଡପାଲି ଗ୍ରାମରେ ଚଳିତ ବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ରଥଯାତ୍ରା ଓ ଦଶମୀ ଦିନ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ବ୍ରାହ୍ମଣ ପରିବାରର ବରିଷ୍ଠ ସଦସ୍ୟ ସୁମନ୍ତ ନାଥ ଶର୍ମା ଛେରା ପହରା କରିଥିବା ବେଳେ ପଣ୍ଡିତ ଦେବେନ୍ଦ୍ର ପଣ୍ଡା ଓ ଶ୍ରୀକାନ୍ତ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁପ ନାଥ, ସଞ୍ଜୀବ ନାଥ, ପ୍ରଶାନ୍ତ ନାଥ ଶର୍ମା, ଦୁଷ୍ମନ୍ତ ନାଥ ଶର୍ମା, ଚକ୍ରଧର ନନ୍ଦ, ସୁଶାନ୍ତ ନାଥ ଶର୍ମା, ସୁଦୀପ ନାଥ, ହେମନ୍ତ ନାଥ ଶର୍ମା, ସଂଗ୍ରାମ ନାଥ ଶର୍ମା, ବିସ୍ମୟ ନାଥ ଶର୍ମା, ସିଦ୍ଧାର୍ଥ ନାଥ ଶର୍ମା, ସତ୍ୟଜିତ ନାଥ ଶର୍ମା, ଅଭିଷେକ ନାଥ, ଆୟୁଷ ପାଣିଗ୍ରାହୀ, ସ୍ୱପ୍ନେଶ ନାଥ ଶର୍ମା, ଅସିତ ନାଥ, ଇସାନ ନାଥ ପହଣ୍ଡି କରିଥିବା ବେଳେ ବସନ୍ତ କଉଡ଼ି, ପ୍ରସନ୍ନ



ଖିଛିଡି, ଆନନ୍ଦ କଉଡ଼ି, ଓମ୍ ଗୌଡ଼, ମାନଭଞ୍ଜନ ମେହେର, ସଂଜିତ୍ ଭୋଇ, ବାବା ଭୋଇ, ବଜରଙ୍ଗ କଉଡ଼ି, ଧିରଜ ମେହେର, ପରେଶ୍ ମେହେର, ଲକ୍ଷ୍ମୀନାରାୟଣ ଭୋଇ ଓ ଗ୍ରାମର ଅନ୍ୟ ଯୁବକ ମାନେ ପହଣ୍ଡିରେ ସହଯୋଗ କରିଥିଲେ।

ଗତକାଲି ସନ୍ଧ୍ୟାରେ ମହାପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ପରେ ବଡ଼ଭାଇ ଓ ଭଉଣୀଙ୍କ ସହିତ ନୀଳାଦ୍ରି ବିଜେ କରିଥିଲେ। ନୀଳାଦ୍ରି ବିଜେ କାର୍ଯ୍ୟକ୍ରମରେ ସୁମନ୍ତ ନାଥ ଶର୍ମା ଓ ତାଙ୍କ ପତ୍ନୀ ନଳିନୀ ନାଥ ଶର୍ମା ଜଗନ୍ନାଥ ଓ ଲକ୍ଷ୍ମୀ ଭୂମିକାରେ ଅଭିନୟ କରିଥିଲେ। ଏହିଯାତ୍ରାରେ ସମସ୍ତ କାର୍ଯ୍ୟ ସଂସ୍କାର ଯୁବକ ସଂଘର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ନାଥ ଶର୍ମା ଓ ସାମ୍ବାଦିକ ସୁବାସ ନାଥ ଶର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# କେନ୍ଦୁଢିପି ହୋମିଓପାଥିକ ଚିକିତ୍ସାଳୟରେ ରୋଗୀଙ୍କ ବିଶ୍ୱାସର କେନ୍ଦ୍ରବିନ୍ଦୁ ଡାକ୍ତର ଅମ୍ବିକା ପ୍ରସାଦ ମିଶ୍ର

ନୟାଗଡ଼, ୩୧ /୭(ଆନିସ ): ନୟାଗଡ଼ ଜିଲ୍ଲାର କେନ୍ଦୁଢିପି ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ କାର୍ଯ୍ୟରତ ଚିକିତ୍ସକ ଡାକ୍ତର ଅମ୍ବିକା ପ୍ରସାଦ ମିଶ୍ର ନିଜର ନିଷ୍ଠା, ଦାୟିତ୍ୱବୋଧ ଓ ରୋଗୀସେବା ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟୁଛନ୍ତି। ପ୍ରତିଦିନ ବହୁ ସଂଖ୍ୟକ ରୋଗୀ ତାଙ୍କ ନିକଟରେ ଚିକିତ୍ସା ପାଇଁ ଆସୁଥିବାବେଳେ, ସେ ପ୍ରତ୍ୟେକ ରୋଗୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣି ଆବଶ୍ୟକ ଚିକିତ୍ସା ପରାମର୍ଶ ଓ ମାଗଣା ଔଷଧ ପ୍ରଦାନ କରୁଥିବା କଥା ରୋଗୀମାନେ କହିଛନ୍ତି। ରୋଗୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ କହିବାନୁସାରେ, ଡାକ୍ତର ମିଶ୍ରଙ୍କ ବ୍ୟବହାର, ସମୟାନୁବର୍ତ୍ତିତା ଏବଂ ସେବାଭାବ ଚିକିତ୍ସାଳୟ ପ୍ରତି ସେମାନଙ୍କ ବିଶ୍ୱାସକୁ ଆହୁରି ସୁଦୃଢ଼ କରିଛି। ଅନେକ ରୋଗୀ ତାଙ୍କୁ ସ୍ନେହର ସହ ଦେବଦୂତ ବୋଲି ସମ୍ବୋଧନ କରୁଥିବା ମଧ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ମତରେ, ସରକାରୀ ଚିକିତ୍ସା ସେବାକୁ ଲୋକଙ୍କ ନିକଟରେ ଅଧିକ ବିଶ୍ୱସନୀୟ କରିବାରେ ଏଭଳି ନିଷ୍ଠାପର ଚିକିତ୍ସକଙ୍କ ଭୂମିକା ପ୍ରଶଂସନୀୟ। ତେବେ ଏହି ସମସ୍ତ ମତାମତ ରୋଗୀ ଓ ସ୍ଥାନୀୟ ଲୋକଙ୍କ ଅନୁଭୂତି ଉପରେ ଆଧାରିତ।

## ଗଞ୍ଜାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ

# ଋଷିକୂଲ୍ୟାରେ ରାସ୍ତା ବ୍ରିଜ ଓ ଦୁଇଟି ରେଳ ସେତୁ ପାଇଁ ଜାଗା ନିରୂପଣ



ଗଞ୍ଜାମ,୩୧।୭ (ଆନିସ): ଗଞ୍ଜାମ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଶେଷରେ ପୂରଣ ହେବାକୁ ଯାଉଛି। ବହୁ ପ୍ରତିକ୍ଷିତ ଋଷିକୂଲ୍ୟା ନଦୀ ଉପରେ ରାସ୍ତା ବ୍ରିଜ ସହ ଆଉ ଦୁଇଟି ରେଳ ସେତୁ ନିର୍ମାଣ ପାଇଁ ସ୍ଥାନ ଚୂଡ଼ାନ୍ତ ହୋଇଛି।

ଏନେଇ ଆଜି ରେଳ ବିଭାଗ ଓ ରାସ୍ତା ଓ କୋଠାବାଡ଼ି ବିଭାଜନ (୨) ବ୍ରହ୍ମପୁର ତରଫରୁ ମିଳିତ ଭାବେ ସର୍ଭେ କରାଯାଇ ସେତୁ ପାଇଁ ଜାଗା ନିରୂପଣ କରାଯାଇଛି।

ଗଞ୍ଜାମ ନିକଟରେ ଋଷିକୂଲ୍ୟା ନଦୀ ଉପରେ ରାସ୍ତା ବ୍ରିଜ ପାଇଁ ଦୀର୍ଘ ବର୍ଷର ଦାବି ହୋଇ ଆସୁଥିଲା ଯାହା ଆଜି ତାର ଜାଗା ନିରୂପଣ ହୋଇଛି ଏହା ସହ ୨ଟି ରେଳ ସେତୁ ଏବଂ – ରେଳ ଲାଇନ ଉପରେ

ଗୋଟିଏ ଓଭର ବ୍ରିଜ – ରେଳ ଲାଇନ ଗେଟ୍ ଉପରେ କାଇଁଚପୁର ଠାରେ ନିର୍ମାଣ ହେବ ଯାହା ଫଳରେ ରେଳ ଗାଡି ଆସିବା ସମୟରେ ଲୋକଙ୍କ ଯାତାୟତ ରେ ଆଉ ଆସୁବିଧା ହେବ ନାହିଁ ।

ଏହି ରାସ୍ତା ବ୍ରିଜ ହେବା ଫଳରେ ଯାତାୟତ ରେ ଗଞ୍ଜାମ ସହରକୁ ବିଛିନ୍ନ ବ ହୋଇଥିବା ତିନଟି ପଞ୍ଚାୟତର ଅଞ୍ଚଳବାସିଙ୍କ ଅସୁବିଧା ଦୂର ହେବ ।

ପ୍ରସ୍ତାବିତ ରାସ୍ତା ବ୍ରିଜ ଗଞ୍ଜାମ କଲେଜ ଠାରୁ ଆରମ୍ଭ ହୋଇ କରଣ ସାହି ଗେଟ୍ ଦେଇ ବଡ ଶଙ୍ଖପର୍ଯ୍ୟନ୍ତ ଯିବା। ଫଳରେ କାଇଁଚପୁର, କଲ୍ୟାଣପୁର ଅଞ୍ଚଳବାସିଙ୍କୁ ଆଉ ଗଞ୍ଜାମ ସହରକୁ ଗାଡି ଧରିବାକୁ ଆସିବାକୁ ପଡିବନି ସେହିପରି ପ୍ରସିଦ୍ଧ ଦେବୀ ମା ତାରାତାରିଣୀ ଓ ରାମ ଚଣ୍ଡୀ ମନ୍ଦିରକୁ ସିଧା ଯାଇପାରିବେ ଭକ୍ତ ମାନେ ବିଦ୍ୟାର୍ଥୀ, ବ୍ୟବସାୟୀ ମାନେ ଆଉ ନିଜ ଜୀବନକୁ ବାଜି ଲଗାଇ ରେଳ ଲାଇନରେ ଆସିବାକୁ ପଡିବନି ଉଲ୍ଲେଖଯୋଗ୍ୟ ଯେ ଋଷିକୂଲ୍ୟାରେ ରାସ୍ତା ବ୍ରିଜ୍ ନିର୍ମାଣ ପାଇଁ ତତ୍କାଳୀନ ରାସ୍ତା ଓ କୋଠାବାଡ଼ି ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ବିନୋଦ କୁମାର ପାଢୀ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପୂର୍ବତନ ଉପାଚସ୍ପତି ରାମଚନ୍ଦ୍ର ପଣ୍ଡା,ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ,ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉଦ୍ୟମ କରିଥିଲେ ।

ଆଜିର ସର୍ଭେ ଟିମ୍ ରେ ରାସ୍ତା ଓ କୋଠା ବାଡ଼ି(ବ୍ରହ୍ମପୁର ) ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧକ୍ଷଣ ଯନ୍ତ୍ରୀ ସନ୍ଦୀପ୍ତ ପାଣିଗ୍ରାହୀ, ରେଳ ବିଭାଗର ଉପ ମୁଖ୍ୟ ଯନ୍ତ୍ରୀ ଏସ୍. କେ. ରାଉତ, ରେଳ ବିଭାଗର ମୁକ୍ତା ସିଂହ, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ଯାଦବ,ଇଂ. ବିନୋଦ କୁମାର ପାଢ଼ୀ, ରାସ୍ତା ଓ କୋଠାବାଡ଼ିରସହକାରୀ ନିର୍ବାହି ଯନ୍ତ୍ରୀ (ରମ୍ଭା )ସତ୍ୟ ନାରାୟଣ ମିଶ୍ର, ଯନ୍ତ୍ରି ସତ୍ୟନାରାୟଣ ସ୍ୱାଇଁ ଓ ଦାମୋଦର ପୁର ଗ୍ରାମର କୈବର୍ତ୍ତ ମାନେ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଶାସନ ଶାସନ ସମୟରେ ଏହି ବ୍ରିଜ ନିର୍ମାଣ ହୋଇଥିଲା ପରବର୍ତୀ ସମୟରେ ଖଲ୍ଲିକୋଟ ରାଜା ଏହି ବ୍ରିଜ କିଣିଥିଲେ ୨୦୦୩ ମସିହାରେ ଏହି ବ୍ରିଜ ଭାଙ୍ଗି ଯାଇଥିଲା

## ପରିତ୍ୟକ୍ତ ଅବସ୍ଥାରେ ବେଲଗୁଣ୍ଠା ଏନ୍.ଏ.ସି. ପାର୍ଶ୍ୱରେ ଥିବା ସାର୍ବଜନୀନ ପରିସ୍ରାଗାର - ପ୍ରଶାସନର ନିରବତାକୁ ନେଇ ଉଠୁଛି ପ୍ରଶ୍ନ ?




ବେଲଗୁଣ୍ଠା, ୩୧।୭ (ଆନିସ): ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ବିଭିନ୍ନ ସ୍ଥାନରେ ସାର୍ବଜନୀନ ପରିସ୍ରାଗାର ଓ ଶୌଚାଳୟ ନିର୍ମାଣ କରିଛନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ, ବେଲଗୁଣ୍ଠା ଏନ୍.ଏ.ସି. କାର୍ଯ୍ୟାଳୟ ପାର୍ଶ୍ୱରେ ନିର୍ମିତ ସାର୍ବଜନୀନ ପରିସ୍ରାଗାର ଟି ଆଜି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯାହା ସାଧାରଣ ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିଲା,ତାହା ଏବେ ଅବହେଳା ଓ ଅଯତ୍ନର ଏକ ନିରବ ସାକ୍ଷୀ ପାଲଟିଛି।

ଦୀର୍ଘ ଦିନ ଧରି ଏହି ପରିସ୍ରାଗାର କୌଣସି ରକ୍ଷଣାବେକ୍ଷଣ ହେଉନଥିବାରୁ ଏହାର ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ଜମି ରହିଛି। ଅପରିଷ୍କାର ପରିବେଶ, ଦୁର୍ଗନ୍ଧ ଏବଂ ଅବସ୍ଥା ଯୋଗୁଁ ସାଧାରଣ ଲୋକ ଏହାକୁ ବ୍ୟବହାର କରିବାକୁ ଭୟ କରୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏହି ପରିସ୍ରାଗାର କେବଳ ନାମକୁ ରହିଛି, ବାସ୍ତବରେ ଏହା ସମ୍ପୂର୍ଣ୍ଣ ଅକାମୀ ହୋଇପଡ଼ିଛି। ଏହି ପରିସ୍ରାଗାର ଟି ପରିବା ବଜାର ନିକଟରେ ରହିଥିବା ହେତୁ

ପ୍ରତିଦିନ ଏହି ଅଞ୍ଚଳ ଦେଇ ଶତାଧିକ ଲୋକଙ୍କ ଯାତାୟାତ ହେଉଥିବା ସତ୍ତ୍ୱେ ପ୍ରଶାସନର ନଜର ଏହା ଉପରେ ପଡ଼ୁନାହିଁ। ଏନ୍.ଏ.ସି. କାର୍ଯ୍ୟାଳୟ ନିକଟରେ ଥାଇ ମଧ୍ୟ ଏପରି ଅବ୍ୟବସ୍ଥା ସୃଷ୍ଟି ହେବା ପ୍ରଶାସନିକ ଦାୟିତ୍ୱବୋଧକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୁଷ ମାନେ ଏଣେ ତେଣେ ପରିଶ୍ରା କରୁଥିବା ବେଳେ ମହିଳା ମାନେ ନା ନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଲୋକଙ୍କ ସୁବିଧା ପାଇଁ ସରକାରୀ ଅର୍ଥ ବ୍ୟୟ କରାଯାଇଥିଲେ ମଧ୍ୟ ଯଦି ଏହାର ଉଚିତ ରକ୍ଷଣାବେକ୍ଷଣ ନ ହୁଏ, ତେବେ ଏହି ପ୍ରକଳ୍ପର ଉଦ୍ଦେଶ୍ୟ କେତେଦୂର ସଫଳ ହେଉଛି ତାହା ଏବେ ବଡ଼ ପ୍ରଶ୍ନ।

ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି ଯେ, ପ୍ରଶାସନ ତୁରନ୍ତ ଏହି ପରିତ୍ୟକ୍ତ ପରିସ୍ରାଗାର ମରାମତି, ପରିଷ୍କାର-ପରିଚ୍ଛନ୍ନତା ଓ ନିୟମିତ ରକ୍ଷଣାବେକ୍ଷଣର ବ୍ୟବସ୍ଥା କରନ୍ତୁ। ନଚେତ୍? ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ପ୍ରତି ସରକାରଙ୍କ ଅଙ୍ଗୀକାର କେବଳ ସ୍ଲୋଗାନରେ ସୀମିତ ରହିଯିବ।

## ୧୫ ଦଫା ଦାବିନେଇ ସିପିଆଇ ପକ୍ଷରୁ ସାବୁଳିଆ ପଞ୍ଚାୟତ ଘେରାଉ



ରମ୍ଭା,୩୧।୭ (ଆନିସ): ରମ୍ଭା ନିକଟସ୍ଥ ସାବୁଳିଆ ଗ୍ରାମପଞ୍ଚାୟତରେ ୧୫ ଦଫା ଦାବିନେଇ ସିପିଆଇର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ହୋଇଯାଇଛି ୧୫ ଦଫା ଦାବୀରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା, ରାସନ୍ କାର୍ଡ, ଆୟୁଷ୍ମାନ କାର୍ଡ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ମନରେଗା କାମ, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ପାନୀୟ ଜଳ ସମସ୍ୟା, କେନାଲ୍ ଶଯ୍ୟାର କଂକ୍ରିଟ କରଣ, ଚାଷୀ ଓ ଭାଗଚାଷୀ ମାନଙ୍କ ଧାନ ମଣ୍ଡିର ରେଜିଷ୍ଟ୍ରେସନ ସରଳିକରଣ, ସାର, ବିହନ ଓ କୀଟନାଶକର କଳା ବଜାରୀ ବନ୍ଦ୍, ଗ୍ରାମର ମୁଖ୍ୟ ରାସ୍ତାରୁ ମଦ ଦୋକାନ ଉଚ୍ଛେଦ, ଖେଳ ପଡ଼ିଆ ନିର୍ମାଣ, ଗ୍ରାମ୍ୟ ବ୍ୟାଙ୍କର ପ୍ରଚଳନ, ଚିଲିକାରେ ପୁରୁଣା ଜେଟିକୁ ରିଙ୍ଗ ଜେଟିରେ ପରିବର୍ତ୍ତନ କରିବା ଇତ୍ୟାଦି ଜନ ସାଧାରଣ ଉପଭୋଗ କରୁଥିବା ମୌଳିକ ସମସ୍ୟାକୁ କେନ୍ଦ୍ରକରି ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସାବୁଳିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ପନ୍ଦର ଦଫା ଦାବୀ ପତ୍ର ଖଲିକୋଟ ବିଡିଓଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଜୟ କୁମାର ଦୋରାଙ୍କୁ ପ୍ରଦାନ କରିଛନ୍ତି । ଶତାଧିକ ଗ୍ରାମବାସୀ ସାବୁଳିଆ ଶ୍ରମିକ ଭବନ ଠାରୁ ହାତରେ ଲାଲ୍ ପତାକା ସହିତ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ ଶାଖା ସମ୍ପାଦକ ସାଥୀ ସନ୍ତୋଷ କୁମାର ଦଳାଇଙ୍କ ସଭାପତିତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପ୍ରତିବାଦ ସଭାର ଆୟୋଜନ ହୋଇଥିଲା ଏହି ସଭାରେ ସିପିଆଇ ଖଲ୍ଲିକୋଟ୍ ଅଞ୍ଚଳ ସମ୍ପାଦକ ସାଥୀ ସୀମାଞ୍ଚଳ ବେହେରା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ଯୋଗୁଁ ପଞ୍ଚାୟତରେ ବାସ କରୁଥିବା ଜନ ସାଧାରଣ କିଭଳି ପ୍ରତାରିତ ହେଉଛନ୍ତି ସେ ସମ୍ପର୍କରେ ବୁଝାଇଥିଲେ ସିପିଆଇ ଗଞ୍ଜାମ ଜିଲ୍ଲା ନେତା ସାଥୀ ଦୁର୍ଗା ଚରଣ ପାତ୍ର ପନ୍ଦର ଦଫା ଦାବୀ ସମ୍ପର୍କରେ ଅବଗତ କରାଇଥିବା ସହିତ ଆଗାମୀ ଏକ ମାସ ମଧ୍ୟରେ ସମସ୍ତ ଦାବୀ ପୂରଣ ନ ହେଲେ ଖଲ୍ଲିକୋଟ୍ ବ୍ଲକ ଅଫିସ୍ ଆଗରେ ଧାରଣା ଦିଆ ଯିବବୋଲି ପ୍ରଶାସନକୁ ସୂଚନା ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ ଯୁବ ସଂଘ ଗଂଜାମ ଜିଲ୍ଲା ସଭାପତି ସାଥୀ ମନୋଜ ଗୌଡ଼, ଶ୍ରମିକ ନେତା ତଥା ବରିଷ୍ଠ ଆଇନଜୀବୀ ସାଥୀ ଜୟରାମ ଦାଶ, ସାଥୀ ସନ୍ୟାସୀ ଲେଙ୍କା, ସାଥୀ ସଦାଶିବ ବେହେରା, ଖଲ୍ଲିକୋଟ ଅଞ୍ଚଳ ସମ୍ପାଦକ ସିମାଞ୍ଚଳ ବେହେରା, ସିପିଆଇ ଗଞ୍ଜାମ ଅଞ୍ଚଳ ସମ୍ପାଦକ ସାଥୀ ଜେ. ଭାସ୍କର ପାତ୍ର, କୃଷକ ନେତା ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଅଧିକାରୀଙ୍କ ସହ ଆଲୋଚନା କରିଥଲେ। ପଞ୍ଚାୟତ ସଭାରେ ସରପଞ୍ଚ ଶ୍ରୀମତୀ ଅହଲ୍ୟା ବେହେରା, ଜୁନିଅର ଇଞ୍ଜିନିଅର ରିତେଶ କୁମାର ମିଶ୍ର, ପି ଇ ଓ ଅଜୟ କୁମାର ଦୋରା, ଭି ଏ ଡବ୍ଲୁ ମାନସ କୁମାର ଭୋଇ, ନ୍ୟାୟ ସରପଞ୍ଚ ମୋହିନୀ ଦଳେଇ ସହ ଗ୍ରାମବାସୀ ଏବଂ ସିପିଆଇ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ


## ବୁଗୁଡ଼ା ଦିବ୍ୟ ଜୀବନ ସଂଘ ପକ୍ଷରୁ ଗୁରୁ ପୂର୍ଣ୍ଣିମା ପାଳିତ



ବୁଗୁଡ଼ା,୩୧।୭ (ଆନିସ): ପବିତ୍ର ଗୁରୁ ପୂର୍ଣ୍ଣିମା ୨୯/୭/୨୬ ତାରିଖ ଦିନ ବୁଗୁଡ଼ା ଦିବ୍ୟ ଜୀବନ ସଂଘ ପକ୍ଷରୁ ଶିବାନନ୍ଦ ଆଶ୍ରମର ପ୍ରାର୍ଥନା ଗୃହରେ ପ୍ରାତ ୫ ଘଣ୍ଟା ଠାରୁ ୬.୧୫ ପର୍ଯ୍ୟନ୍ତ ଧ୍ୟାନ, ଜପ, ଯୋଗ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଏହାପରେ ସାଢ଼େ ସାତ ଘଣ୍ଟାରେ ଗୁରୁପାଦ ପୂଜା ଅନୁଷ୍ଠିତ ହୋଇଥିଲା। ଦିବା ଦଶ ଘଣ୍ଟା ଠାରୁ ଗଣେଶ ବନ୍ଦନାରୁ ଆରମ୍ଭ ହୋଇ ହନୁମାନ ଚାଳିଶା, ଭଜନ, କୀର୍ତ୍ତନ, ଗୁରୁବାଣୀ ଜପ, ମହାମନ୍ତ୍ର ସହ ଆଳତି ଓ ପୁଷ୍ପାଞ୍ଜଳୀ ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ପ୍ରଫୁଲ କୁମାର ପାଢ଼ୀ, ସଭାପତି ରଘୁନାଥ ସାହୁ, ସମ୍ପାଦକ ସନ୍ତୋଷ କୁମାର ରାଉତ, କୋଷାଧକ୍ଷ କିଶୋର ଚନ୍ଦ୍ର ପଣ୍ଡା, ପୂର୍ବତନ ସଭାପତି ଶ୍ରୀ ବିଷୋୟୀ, ରଶ୍ମିତା ଗୌଡ, ସୁଜାତା ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନଦୀରେ ହୁଡ଼ା ହେଲା, ହେଲେ ଗାଧୁଆ ତୁଠ ନିର୍ମାଣ ହେଲାନି

କାଶୀନଗର,୩୧।୭ (ଆନିସ): ବଂଶଧରା ନଦୀ କାଶୀନଗର ଠାରେ ନୂଆ କାଶୀନଗର ଠାରୁ ପୁରୁଣା ପୋଲିସ ଥାନା ପର୍ଯ୍ୟନ୍ତ ନଦିବରେ ହୁଡ଼ା ନିର୍ମାଣ କରାଗଲା ହେଲେ ଗାଧୁଆ ତୁଠ ନିର୍ମାଣ ନ ହେବାରୁ ଛୋଟ ପିଲାବ ବୟସ୍କ ମହିଳା ପୁରୁଷ ନଦୀକୁ ଯାଇ ପାରୁନାହାନ୍ତି ।



ଖବର ରୁ ଜଣା ପଡିଛିକି, ଗତ ବର୍ଷ କାଶୀନଗରର ଉପ କୁଳ ରେ ଜଳ ସେଚନ ବିଭାଗ ତରଫରୁ ବନ୍ୟା ରୁ ରକ୍ଷା ପାଇବା ଆନିକଟ ହୁଡ଼ା ନିର୍ମାଣ ହେଲା, ଏହା ସହ ପଥର ପେକିଙ୍ଗ ମଧ୍ୟ ହେଲା. କିନ୍ତୁ କାଶୀନଗର ସହର ରେ ୭ ଗୋଟି ଗାଧୁଆ ତୁଠ ରହିଛି. ଚିକତା ମାଟି ଓ ପଥର ଯୋଗୁଁ ଛୋଟ ପିଲା, ବୃଦ୍ଧ ମହିଳା ଓ ପୁରୁଷ ନଦୀ କୁ ଯାଇ ପାରୁନାହାନ୍ତି, ନିଜର ନିତ୍ୟକର୍ମ ସରାଇବା ହେଉ କିମ୍ବା ମହିଳା ମାନେ ପିଇବା ପାଣି ନେଇ ପାରୁନାହାନ୍ତି. ଏହି ସବୁ ଜାଗାରେ ପାହାଚ ବନ୍ଧା ଯାଇନାହିଁ ଯାହାଫଳରେ ଅନେକ ଲୋକ କାଦ ରେ ପଡ଼ି ହାତ ଗୋଡ଼ ଭାଙ୍ଗି ଗଲାଣି. ଅସରାଏ ବର୍ଷା ହେଲେ ନଦୀ କୁ ଯାଇ ହେଉନାହିଁ. ସେପଟ ଏନ ଏ ସି ପକ୍ଷରୁ ଲାଇଟ ର ବ୍ୟବସ୍ଥା ମଧ୍ୟ ଠିକ ରେ ହେଉନି. ଏଣୁ ଜଳ ସେଚନ ଭବିଭାଗ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ମାମଲାର ସଠିକ ପରିଚାଳନା ଓ ଦଣ୍ଡାଦେଶ ବୃଦ୍ଧିକୁ ନେଇ ଗଜପତିରେ ସରକାରୀ ଓକିଲ ଓ ପୋଲିସ ବିଭାଗର ସମନ୍ୱୟ ବୈଠକ




ପାରଳାଖେମୁଣ୍ଡି,୩୧।୭ (ଆନିସ): ସମାଜରେ ବୃଦ୍ଧି ପାଉଥିବା ଅପରାଧର କିପରି ହ୍ରାସ ଘଟିବ ତଥା ସମସ୍ତ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ସେ କଥାକୁ ଚିନ୍ତା କରି ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ସକ୍ରିୟ ନେତୃତ୍ୱରେ ସ୍ଥାନୀୟ ମୋହନା ଥାନା ପରିସରରେ ପୋଲିସ୍-ଅଭିଯୋଜନ (ପ୍ରସିକ୍ୟୁସନ) ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଖାପାଖି ଏକ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ମୋହନା ଥାନାର ଥାନାଧିକାରୀ ଓମ୍? ନାରାୟଣ ପାତ୍ର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ମୋହନା ଓ ଆର୍. ଉଦୟଗିରି କୋର୍ଟର ସରକାରୀ ଓକିଲ ଯଥାକ୍ରମେ ସୁଶାନ୍ତ ମଲ୍ଲିକ ଓ ଦୁର୍ଯ୍ୟୋଧନ କରଡ ଉପସ୍ଥିତ ରହିଥିଲେ। ଉକ୍ତ ବୈଠକରେ ମୁଖ୍ୟତଃ ମାମଲାର ତଥ୍ୟାବଳୀ କିପରି ପ୍ରସ୍ତୁତ କରାଯିବ ଏବଂ ତଦନ୍ତ ପ୍ରକ୍ରିୟାରେ ଥିବା ତ୍ରୁଟି-ବିଚ୍ୟୁତିକୁ କିପରି ସୁଧାରାଯିବ, ସେ ସମ୍ପର୍କରେ ଏକ ଫଳପ୍ରଦ ଆଲୋଚନା କରାଯାଇଥିଲା। ଏହା ସହିତ ଜନସାଧାରଣଙ୍କ ନିକଟତର ହୋଇ କିପରି ତ୍ୱରିତ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଯାଇପାରିବ, ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏତଦବ୍ୟତୀତ ଏହି ସମନ୍ୱୟ ବୈଠକରେ ବିଭିନ୍ନ ସଙ୍ଗିନ ମାମଲାରେ ଅଭିଯୋଜକ ତଥା ପୋଲିସ ବିଭାଗର କର୍ମଚାରୀମାନେ ନ୍ୟାୟାଳୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ସେହିପରି ଏହି ପ୍ରସଙ୍ଗରେ ବିଶେଷ ଭାବେ ମାନ୍ୟବର ସୁପ୍ରିମକୋର୍ଟଙ୍କର ବିଭିନ୍ନ ଦିଶା ନିର୍ଦ୍ଦେଶ ଉପରେ ମଧ୍ୟ ଆଲୋଚନା କରାଯାଇ କିପରି ଦଣ୍ଡ ହାର ବୃଦ୍ଧି କରାଯାଇପାରିବ ତଥା ମଟର ଯାନ ଅଧିନିୟମର କଡା ପାଳନ କରାଯାଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଶୃଙ୍ଖଳାଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ସେ ନେଇ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସର୍ବଶେଷରେ ଏହି ବୈଠକର ସଫଳ ଆୟୋଜନ ନିମନ୍ତେ ଶ୍ରୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଲୋକଙ୍କ ଆସ୍ଥାଭାଜନ ହୋଇ ଜନହିତରେ କାର୍ଯ୍ୟ କରିବାକୁ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ।

## ବଢୁଛି ଦାଦନ ଯନ୍ତ୍ରଣା:କେରଳରେ ଆଉ ଜଣେ ଶ୍ରମିକଙ୍କ ମୃତ୍ୟୁ

ଘୁ.ଉଦୟଗିରି,୩୧।୭ (ଆନିସ): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଦାଦନ ଯନ୍ତ୍ରଣା ବଢ଼ିବାରେ ଲାଗିଛି। ନିକଟରେ ଦୁଇ ଜଣଙ୍କ ଜୀବନ ଯାଇଥିବା ବେଳେ ପୁଣିଥରେ ଆଉ ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି।ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ କଟିଙ୍ଗିଆ ପଞ୍ଚାୟତର ରିଶୁଗୁଡ଼ା ଗ୍ରାମର ତରୁଣ ପ୍ରଧାନ (୪୮)ଙ୍କ କେରଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ସୂଚନା ଅନୁଯାୟୀ,ତରୁଣ ଜୀବିକା ଅନ୍ୱେଷଣରେ କେରଳ ଯାଇ ସେଠାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ମୃତ୍ୟୁ ଖବର ମିଳିବା ପରେ ପରିବାର ଲୋକେ କେରଳ ଯାତ୍ରା କରିଥିବା ସୂଚନା ମିଳିଛି। ମୃତ ତରୁଣଙ୍କ ୧୫ ବର୍ଷର ଏବଂ ୧୨ ବର୍ଷର ଦୁଇ ପୁଅ ଥିବା ବେଳେ ମୃତ୍ୟୁ ଖବର ପାଇ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ସ୍ତ୍ରୀ ସରୋଜିନୀ ପ୍ରଧାନ। ତରୁଣଙ୍କ ମୃତ୍ୟୁ ଖବର ପରେ ରିଶୁଗୁଡ଼ା ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଘରେ ବୃଦ୍ଧା ମା ରହିଥିବା ବେଳେ ଆଗକୁ ପରିବାର କିପରି ଚଳିବ ତାହା ଏବେ ଚିନ୍ତାର ବିଷୟ ହୋଇଛି ।କନ୍ଧମାଳରେ ସ୍ଥାୟୀ ରୋଜଗାରର ଅଭାବ ଯୋଗୁଁ ବାହାର ରାଜ୍ୟ ଉପରେ ପୂରା ଯୁବ ପିଢ଼ି ନିର୍ଭର କରୁଥିବା ବେଳେ ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି।ଅନ୍ୟ ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ସୁରକ୍ଷା,ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆ ଯାଉନ ଥିବା ଫଳରେ ଶ୍ରମିକଙ୍କ ଅକାରଣରେ ଜୀବନ ଯାଉଥିବା ବେଳେ ବହୁ ଶ୍ରମିକ ବିକଳାଙ୍ଗ ହୋଇ ଫେରୁଥିବା ଆଲୋଚନାର ବିଷୟ ହୋଇଛି।

## ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ ପାଇଁ ଆହ୍ୱାନ

ବ୍ରହ୍ମପୁର,୩୧।୭ (ଆନିସ): ସଖୀ ୱାନ ଷ୍ଟପ ସେଣ୍ଟର, ଗଞ୍ଜାମ ତରଫରୁ ବିଶ୍ୱ ମାନବ ଚାଲାଣ ପ୍ରତିରୋଧ ଦିବସ ଅବସରରେ ବ୍ରହ୍ମପୁର ରେଳ ଷ୍ଟେସନରେ କାର୍ଯ୍ୟରତ ଶତାଧିକ କର୍ମଚାରୀ , ଭେଣ୍ଡର, କୁଲି, ସଫେଇ କର୍ମଚାରୀ, ହକେର ଷ୍ଟାଫ, ଅଟୋ ଚାଳକଙ୍କ ସହ ରେଳ ସୁରକ୍ଷା ବଳ ଓ ସରକାରୀ ରେଳ ପୁଲିସଙ୍କ ସହଯୋଗରେ ଏକ ବୃହତ ମାନବ ଶୃଙ୍ଖଳା କାର୍ଯ୍ୟକ୍ରମ, ପଥପ୍ରାନ୍ତ ପଦଯାତ୍ରା ଓ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମହାନଗର ନିଗମର ଆୟୁକ୍ତ କୁମାରୀ ଆକବରମ ସସ୍ୟ ରେଞ୍ଜୀ ଯୋଗଦେଇ ମାନବ ଚାଲାଣକୁ ପ୍ରତିରୋଧ କରିବାସହ ମହିଳା, କିଶୋର ଓ କିଶୋରୀ ବୟସର ଶିଶୁ ମାନଙ୍କ ଉପରେ ହେଉଥିବା ହିଂସାକୁ ରୋକିବା ଓ ଦୃଢ ପ୍ରତିବାଦ କରିବାକୁ ଅନୁରୋଧ କରିଥିଲେ । ଗ୍ରାମ୍ୟ ସ୍ତରରୁ ସଚେତନତା ସୃଷ୍ଟି କରିବା ଓ ଏହାର ସମ୍ଭାବ୍ୟ ପୀଡିତାଙ୍କୁ ଚିହ୍ନଟ କରି ସେମାନଙ୍କ ସୁରକ୍ଷା ଦେବା ସହ ମାନବ ଚାଲାଣର ମୁକାବିଲା, ମହିଳା ଓ ଶିଶୁ ସୁରକ୍ଷା ଏବଂ ଶୋଷଣ ପ୍ରତିରୋଧ କ୍ଷେତ୍ରକୁ ସୁଦୃଢ଼ କରିବାରେ ଆଇନ ପ୍ରଣୟନକାରୀ ସଂସ୍ଥାର ଭୂମିକା ଓ ପ୍ରଯୁକ୍ତିବିଦ୍ୟାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କ ସହ ମାନବ ଚାଲାଣର ବାସ୍ତବତା, ଏହାର ବିଭିନ୍ନ ରୂପ ଏବଂ ବ୍ୟକ୍ତି ସମ୍ପ୍ରଦାୟ ଉପରେ ଏହାର ବିନାଶକାରୀ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା ସହ ପୀଡିତାଙ୍କୁ ସୁରକ୍ଷା ଦେବା ତଥା ନ୍ୟାୟ, ଚିକିତ୍ସା ସେବା ଏବଂ ମାନସିକ ସମର୍ଥନ ପାଇବା ସମେତ ଚାଲାଣ ପୀଡିତାଙ୍କ ସୁରକ୍ଷା ଏବଂ ସମର୍ଥନ ସୁନିଶ୍ଚିତ କରିବା ଓ ମାନବ ଚାଲାଣ ରୋକିବା ତଥା



ସୁରକ୍ଷାକୁ ସୁଦୃଢ଼ କରିବା, ଆଇନ ପ୍ରବର୍ତ୍ତନ ପ୍ରୟାସକୁ ବୃଦ୍ଧି କରିବା ଏବଂ ମାନବ ଚାଲାଣର ମୂଳ କାରଣଗୁଡ଼ିକୁ ଖୋଜି ସମାଧାନ କରିବା ଭଳି ପ୍ରତିରୋଧକ ପଦକ୍ଷେପ ଉପରେ ଧ୍ୟାନ ଦେବା ଆବଶ୍ୟକତା ବୋଲି ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଦେୱାନୀ ଅଦାଲତ ଓକିଲ ସଂଘ ସଭାପତି ଶ୍ରୀଯୁକ୍ତ ଶୀତାଂଶୁ କୁମାର ପଣ୍ଡା ବ୍ରହ୍ମପୁର ମହାନଗର ନିଗମର ଉପ ଆୟୁକ୍ତ ଶ୍ରୀମତୀ କଲ୍ୟାଣୀ ସଙ୍ଘମିତ୍ରା ଦେବୀ, ରେଳ ଷ୍ଟେସନ ପରିଚାଳକ ଶ୍ରୀଯୁକ୍ତ ଦୁର୍ଗାପ୍ରସାଦ ବ୍ରହ୍ମା, ରେଳ ସୁରକ୍ଷା ବଳ ଅଧିକାରୀ ଶ୍ରୀଯୁକ୍ତ ବିବେକ କୁମାର, / ଶ୍ରୀଯୁକ୍ତ ଇପିଲି ଶ୍ରୀନିବାସ ରାଓ ମୁଖ୍ୟ ସ୍ୱାସ୍ଥ୍ୟ ନିରିକ୍ଷକ ଶ୍ରୀଯୁକ୍ତ , ସରକାରୀ ରେଳ ପୁଲିସ ଶ୍ରୀଯୁକ୍ତ ଗୋପୀନାଥ କୋଲକା, କୈଳାଶ ଚନ୍ଦ୍ର ବେହେରା, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପାର୍ବତୀ ପ୍ରଧାନ, ମହିଳା ସଶକ୍ତି ଜିଲ୍ଲା ସଂଯୋଜକା ଶ୍ରୀମତୀ ଗୀତାଞ୍ଜଳି ମହାରଣା, ଶ୍ରୀଯୁକ୍ତ ସମୀର ସବ୍ଲ, ସୁଶ୍ରୀ ବବିତା ମହାରଣା, ବାପୁଜୀ କନ୍ୟାରୀ, ଜିଲ୍ଲା ସଂଯୋଜକ ଶ୍ରୀମତୀ ମନରମା ମଲ୍ଲିକ, ସାମନ୍ତରାୟ ଅକଡେମୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦେବେଶ ସାମନ୍ତରାୟ, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ, ଗାୟତ୍ରୀ ଶକ୍ତି ପୀଠ ପ୍ରମୁଖ ଶ୍ରୀଯୁକ୍ତ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, କ୍ରାନ୍ତି ନିର୍ଦ୍ଦେଶକ ଡକ୍ଟର ଦେବାନନ୍ଦ ଦାସ, କୁଲି ସଂଘ ସଭାପତି ଶଙ୍କର ପାତ୍ର, ଅଟୋ ସଂଘ ସଦସ୍ୟ ଶ୍ରୀଯୁକ୍ତ ସିମାଞ୍ଚଳ ସାହୁ, ଯୋଗଦେଇ ଉଦବୋଧନ ଦେଇଥିଲେ ।ରେଳ ଷ୍ଟେସନ ଅଞ୍ଚଳର ସମସ୍ତ ଅଂଶୀଦାର ବ୍ୟକ୍ତିତ୍ୱ ମାନେ ନିଜେ ସତର୍କ ରହିବା, ସୁରକ୍ଷିତ ସମାଜ ଗଠନ କରିବା ସହ ଠକେଇ ଜାଲରେ ନ ଫସି ଏକାଠି ହୋଇ ମାନବ ଚାଲାଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶପଥ ନେଇଥିଲେ ।

ଏହି କାର୍ଯ୍ୟକ୍ରମକୁ ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁଧୀର ସାବତ ସଭାପତିତ୍ୱ କରିଥିବା ବେଳେ ୱାନ ଷ୍ଟପ କେନ୍ଦ୍ରର କେନ୍ଦ୍ର ପ୍ରଶାସିକା ଶ୍ରୀମତୀ ମହେଶ୍ୱତା ପାଢୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଶ୍ରୀମତୀ ସ୍ନେହମୟୀ ପାଢୀ, ଆସ୍କିଲା ରାଇକା, ମଧୁସ୍ମିତା ମଲ୍ଲିକ, ବଜରଙ୍ଗୀ ନାୟକ, ସାରଧି ଭାର୍ଗବୀ, ପ୍ରଭାତ କୁମାର ପାଢୀ, ବଲରାମ ମଲ୍ଲିକ, ସୁନିତା କାର୍ଯ୍ୟକ୍ରମଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ପରିଶେସରେ ସଖୀ ୱାନ ଷ୍ଟପ ସେଣ୍ଟର ର ଗୋପାଳକୃଷ୍ଣ ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

## ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟଗୁଡିକୁ ଗ୍ରାଣ୍ଟ ଇନ୍ ଏଡ୍ ଦେବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି

ବ୍ରହ୍ମପୁର, ୩୧।୭ (ଆନିସ): ରାଜ୍ୟରେ ଶିକ୍ଷାଦାନରେ କାର୍ଯ୍ୟରତ ବ୍ଲକ ଗ୍ରାଣ୍ଟ ଶିକ୍ଷାନୁଷ୍ଠାନ ଗୁଡିକର ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ୧୯୯୪ ମସିହାରୁ ଅନୁଦାନ (ଗ୍ରାଣ୍ଟ ଇନ୍ ଏଡ୍) ପ୍ରଦାନ କରିବା ପାଇଁ ମାନ୍ୟବର ସୁପ୍ରିମ କୋର୍ଟ ନିର୍ଦ୍ଦଶ ଦେଇଥିବା ପରିପ୍ରେକ୍ଷୀରେ ହଜାର ହଜାର ଶିକ୍ଷକ ଓ କର୍ମଚାରୀ ଆଶ୍ୱସ୍ତ ଲାଭ କରିଥିବାବେଳେ ରାଜ୍ୟ ସରକାର ଉକ୍ତ ନିର୍ଦ୍ଦେଶକୁ କାର୍ଯ୍ୟ କାରୀ କରିବା ପାଇଁ ଲୁଚକାଳୀ ଖେଳ ଖେଳୁଛନ୍ତି

ପ୍ରକାଶ୍ୟ ଯୋଗ୍ୟ ଯେ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୧୯୭୪ ରେ ତତ୍କାଳୀନ ବେରକାରୀ ଶିକ୍ଷାନୁଷ୍ଠାନ ଗୁଡିକୁ ଅନୁଦାନ ପ୍ରଦାନ ପାଇଁ ଶିକ୍ଷକ ମହାସଂଘ ତରଫରୁ ଅନେକ ରକ୍ତକ୍ଷୟୀ ଆନ୍ଦୋଳନର ଫଳସ୍ୱରୂପ ଏକ ଐତିହାସିକ ଅନୁଦାନ ଆଇନ ପ୍ରଚଳନ ହୋଇ ଶିକ୍ଷକ ଓ କର୍ମଚାରୀଙ୍କୁ ଦରମା ଓ ପେନ୍ ସନ ପ୍ରଦାନ କରାଯାଉଥିଲା ପରବର୍ତ୍ତୀ ସମୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୯୪ ମସିହାରେ ଉକ୍ତ ଆଇନକୁ ସାମାନ୍ୟ ପରିବର୍ତ୍ତନ କରି ୦୧-୦୬-୧୯୯୪ ଠାରୁ ସମସ୍ତ ଅନୁଦାନ ଯୋଗ୍ୟ ଶିକ୍ଷାନୁଷ୍ଠାନ ଗୁଡିକୁ ଅନୁଦାନ ଦେବା ପାଇଁ ଆଇନ ପ୍ରଣୟନ କରିଥିଲେ କିନ୍ତୁ ଉକ୍ତ ଆଇନ କାର୍ଯ୍ୟକାରୀ କରିବା ପୂର୍ବରୁ ବିଜୁ ବାବୁଙ୍କ ସରକାରର ୧୯୯୫ ରେ ପତନ ଘଟିଲା ଏବଂ କଂଗ୍ରେସ ଦଳ କ୍ଷମତାସୀନ ହେଲା ସ୍ୱର୍ଗତ ଅବନୀ ବରାଳଙ୍କ ନେତୃତ୍ୱରେ ଅନେକ ଆନ୍ଦୋଳନ ହେଲା, ୨୦୦୦ ମସିହାରେ ବିଜେଡି ସରକାର ଆସିଲା,ଅନେକ ପ୍ରତିଶୃତି ଦେଲା କିନ୍ତୁ ପରିତାପରେ ବିଷୟଯେ ବିଜୁ ବାବୁଙ୍କ ଉକ୍ତ ଆଇନ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ୨୦୦୪ ରେ ଏକ କୁତ୍ସିତ ବ୍ଲକ ଗ୍ରାଣ୍ଟ ଆଇନ ପ୍ରଣୟନ କରି ଶିକ୍ଷକ ମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଲେ ପୂର୍ବ ଗ୍ରାଣ୍ଟ ଇନ୍ ଏଡ୍ ରେ ପେନ୍ ସନ୍ ଏବଂ ସମସ୍ତ ଚାକିରୀ ସର୍ତ୍ତ ଥିବାବେଳେ ନୂତନ ଆଇନରେ କୌଣସି ସୁବିଧା ସୁଯୋଗ ନ ଥାଇ ୨୫/୩୦ ବର୍ଷ ସେବା କରି ଶିକ୍ଷକ ମାନେ ରିକ୍ତ ହସ୍ତରେ ଚାକିରୀରୁ ଅବସର ଗ୍ରହଣ କରୁଛନ୍ତି ଏ ଭଳି ବ୍ୟବସ୍ଥା ଭାରତ ବର୍ଷରେ ବିରଳ

ଏହି ନିଷ୍ଠୁର ଆଇନ ପ୍ରତ୍ୟହାର କରିବା ପାଇଁ ଶିକ୍ଷକ ମହାସଂଘ, ଓଷ୍ଟା ନେତୃତ୍ୱରେ ସରକାରଙ୍କ ଠାର ଦାବୀ କରାଯାଇଛି, ଆନ୍ଦୋଳନ ବି କରାଯାଇଛି ସବୁଥିରୁ ନିରାଶ ହେଲା ପରେ ଶିକ୍ଷକ ମାନେ ଟ୍ରିବ୍ୟୁନାଲ, ହାଇକୋର୍ଟ ଦ୍ୱାରସ୍ତ ହୋଇ ତାଙ୍କ ସପକ୍ଷରେ ରାୟ ପାଇଲେ କିନ୍ତ ଲୋକଙ୍କ ସରକାର କହୁଥିବା ବିଜେପି ସରକାର ଶିକ୍ଷକ ମାନେ ପାଇଥିବା ରାୟ ବିରୁଦ୍ଧରେ ସୁପ୍ରିମ କୋର୍ଟର ଦ୍ୱାରସ୍ତ ହୋଇ ଏସ୍. ଏଲ୍. ପି ଦାଖଲକରି ନିରାଶ ହୋଇ କିପରି ସର୍ବୋଚ୍ଚ ନ୍ୟାୟାଳୟରୁ ବର୍ତ୍ତିବେ ଏଜି ଙ୍କ ଜରିଆରେ ରାସ୍ତା ଖୋଜୁଛନ୍ତି ଏ ପଟେ ପ୍ରତି ମାସରେ ଶହ ଶିକ୍ଷକ ଅବସର ନେଉଛନ୍ତି ବାରମ୍ବାର ସମୟ ମଗାଯାଉଛି, ଯାହାକୁ ସୁପ୍ରିମ୍ କୋର୍ଟ ଖାରଜ କରୁଛନ୍ତି ଏବଂ ତୁରନ୍ତ ୧୯୯୪ ରୁ ୨୦୦୪ ମସିହା ମଧ୍ୟରେ ଅନୁଦାନ ଯୋଗ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଅନୁଦାନ ସହ ଅବସର କାଳୀନ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଶିକ୍ଷକ ମାନଙ୍କ ମଧ୍ୟରେ ଆଶାର ସଂଚାର ହୋଇଛି ତଥାପି ଅମଲାତାନ୍ତ୍ରିକ କରସାଦି ଓ ନାସ୍ତିବାଚକ ନିର୍ଣ୍ଣୟ ଦ୍ୱାରା ଆଇନକୁ ବାଟବଣା କରି। ପାଇଁ ଚକ୍ରାନ୍ତ ହେଉଛି ବିଜେଡି ସରକାର ସମୟରେ ଓଷ୍ଟାର ଆନ୍ଦୋଳନ ସ୍ଥଳକୁ ତତ୍କାଳୀନ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବର୍ତମାନର ମୁଖ୍ୟମନ୍ତ୍ରୀ ଆମ ସରକାର ଆସିଲେ ଶିକ୍ଷକ ମାନଙ୍କ ସମସ୍ୟା ସମାଧାନ କରିବୁ ବୋଲି ଦେଇଥିବା ପ୍ରତିଶୃତି ବର୍ତମାନ ପାଣିର ଗାର ସଦଶ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକୁ ମଧ୍ୟ ସମ୍ମାନ ଦିଆଯାଉନି ତା ୨୯-୦୭-୨୦୨୬ ର ସୁପ୍ରିମ କୋର୍ଟରେ ରାଜ୍ୟ ସରକାରଙ୍କ ସମସ୍ତ ୩୫ଟି ସ୍ୱତନ୍ତ୍ର ଲିଭ୍ ପିଟିସନରୁ ୨୦ଟିକୁ ଖାରଜ କରି ୨୫-୦୩-୨୦୨୬ ରେ ଦିଆଯାଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି

ଉକ୍ତ ନିର୍ଦ୍ଦେଶକୁ ପୁନର୍ବିଚାର କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ମାନ୍ୟବର ମହାଧିବକ୍ତା କରିଥିବା ନିବେଦନକୁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଖାରଜ କରି ଦେଇଛନ୍ତି

ରାଜ୍ୟର ଲୋକପ୍ରିୟ ସରକାର କୁହାଯାଉଥିବା ମୋହନ ସରକାର ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ନିଜ ପ୍ରତିଶୃତି ପାଳନ କରନ୍ତୁ ଅନ୍ତତଃ ଗୁରୁ ଦିବସ ପୂର୍ବରୁ ଶିକ୍ଷକ ସମାଜକୁ ନ୍ୟାୟ ପ୍ରଦାନ କରି ସମସ୍ୟା ସମାଧାନ କରନ୍ତୁ ଏବଂ ଗୁରୁ ଅସନ୍ତୋଷ ଉପଶମ କରନ୍ତୁ ବୋଲି ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ରାଜ୍ୟ ଅଧକ୍ଷ କାମରାଜୁ ମହାରଣା, ଗଞ୍ଜାମ ଜିଲ୍ଲା ସଭାପତି ସଞ୍ଜୟ କୁମାର ଷଡ଼ଙ୍ଗୀ, ସମ୍ପାଦକ ଅଶୋକ କୁମାର ଦଳେଇ, ରାଜ୍ୟ ସେବାନିବୃତ ମଞ୍ଚର ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଏକ ମିଳିତ ବିତିରେ ଦାବୀ କରିଛନ୍ତି

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

## ବନ୍ଧୁତା, ସ୍ୱାର୍ଥ ଓ ସମାଜ

ବନ୍ଧୁ – କେବଳ ଗୋଟିଏ ଶବ୍ଦ ନୁହେଁ, ଏହା ଏକ ଏପରି ଅନୁଭୂତି ଯାହା ମନରେ ଏକ ଅପୂର୍ବ ଖୁସି ଓ ଶାନ୍ତି ଭରିଦିଏ। ଜୀବନର ଜଟିଳ ଓ ଅଙ୍କବଙ୍କା ବାଟରେ ଯେତେବେଳେ ଆମେ ଆଗକୁ କ'ଣ କରିବା କିଛି ବୁଝିପାରୁନାହୁଁ, ସେତେବେଳେ ଜଣେ ପ୍ରକୃତ ବନ୍ଧୁ ଆମକୁ ସଠିକ୍? ଦିଗଦର୍ଶନ ଦେଇଥାଏ। ଦୁଃଖ ହେଉ କି ସୁଖ, ସେ ସବୁବେଳେ ବିନା ସର୍ତ୍ତରେ ପାଖରେ ଛିଡ଼ାହୁଏ। ଜୀବନର ଏକ ବଡ଼ ଅଂଶ ଆମେ ଏହି ସମ୍ପର୍କ ସହ ବିତାଇଥାଉ। ବାଧାବିଘ୍ନ ଆସିଲେ ଆମେ ପ୍ରଥମେ ବନ୍ଧୁଙ୍କ ପାଖକୁ ହିଁ ଧାଇଁଯାଉ। କେବଳ ସମବୟସ୍କ ପୁଅ କି ଝିଅ ନୁହଁନ୍ତି, ଆମ ବାପା, ମାଆ, ଭାଇ, ଭଉଣୀ କିମ୍ବା ଶିକ୍ଷକ ବି ଜଣେ ଜଣେ ନିଷ୍ଠାପର ବନ୍ଧୁ ହୋଇପାରନ୍ତି। ଜୀବନର ଚଲାପଥରେ ଜଣେ ସଚ୍ଚା ବନ୍ଧୁର ଉପସ୍ଥିତି ଓ ଅବଦାନ ସତରେ ଅତୁଳନୀୟ। ଭଗବାନ ଶ୍ରୀକୃଷ୍ଣ ଓ ସୁଦାମାଙ୍କ ଅତୁଳନୀୟ ବନ୍ଧୁତା ଆଜି ବି ମାନବ ସମାଜ ପାଇଁ ଚିରସ୍ମରଣୀୟ ଓ ପ୍ରେରଣାଦାୟୀ। କିନ୍ତୁ ଆଜିର ଆଧୁନିକ, ସ୍ୱାର୍ଥପର ଓ ବସ୍ତୁବାଦୀ ଦୁନିଆରେ ବନ୍ଧୁତାର ଏହି ପବିତ୍ର ସଂଜ୍ଞା ସମ୍ପୂର୍ଣ୍ଣ ବଦଳିଯାଇଛି।

ଆଜିର ସମାଜରେ ବନ୍ଧୁତା ଅପେକ୍ଷା ସ୍ୱାର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଯେଉଁଠି ସ୍ୱାର୍ଥ ଅଛି, ଆଜି ସେଠି ବନ୍ଧୁତାର ଆବରଣ ଦେଖିବାକୁ ମିଳୁଛି। ବିନା କୌଣସି ଲାଭ କିମ୍ବା ସ୍ୱାର୍ଥରେ ସମ୍ପର୍କ ଯୋଡ଼ିବା ଆଜିର ସମୟରେ ଅତ୍ୟନ୍ତ ବିରଳ ହୋଇଗଲାଣି। ଯେତେଦିନ ପର୍ଯ୍ୟନ୍ତ ଜଣେ ବନ୍ଧୁଙ୍କଠାରୁ ଫାଇଦା ମିଳୁଥାଏ, ସେତେଦିନ ସମ୍ପର୍କ ନିବିଡ଼ ଥାଏ କିନ୍ତୁ ସ୍ୱାର୍ଥ ପୂରଣ ହୋଇଗଲେ କିମ୍ବା ଲାଭ ମିଳିବା ବନ୍ଦ ହୋଇଗଲେ ସେହି ସମ୍ପର୍କ ଭାଙ୍ଗିବାକୁ ବେଶୀ ସମୟ ଲାଗେନାହିଁ। ଆଜି ଲୋକମାନେ ଟଙ୍କା, ପଦବୀ ଓ ଷ୍ଟାଟସ୍? ଦେଖି ବନ୍ଧୁତା ବାଛୁଛନ୍ତି, ଯେପରି ଭବିଷ୍ୟତରେ ସେମାନଙ୍କୁ ନିଜ କାମରେ ବ୍ୟବହାର କରାଯାଇପାରିବ। ସମାଜ ଏପରି ଏକ ଦିଗରେ ଗତି କରୁଛି ଯେଉଁଠି ନିସ୍ୱାର୍ଥପରତାର କୌଣସି ମୂଲ୍ୟ ରହୁନାହିଁ। ଯେଉଁଠି ସ୍ୱାର୍ଥ ନାହିଁ, ସେଠାରେ ବନ୍ଧୁତାର ଆୟୁଷ ମଧ୍ୟ ଅତ୍ୟନ୍ତ କମ୍।

ଅନେକ ସମୟରେ ଦେଖାଯାଏ, ଜଣେ ବନ୍ଧୁର ବିପଦ ସମୟରେ ଆମେ ନିଜେ କଷ୍ଟ ସହି, କାହାଠାରୁ ଧାର–ଉଧାର କରି ମଧ୍ୟ ତାକୁ ସାହାଯ୍ୟ କରିଥାଉ। କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ସେହି ସାହାଯ୍ୟ କିମ୍ବା ଅର୍ଥ କଥା ଉଠେ, ସେତେବେଳେ ସମ୍ପର୍କରେ ତିକ୍ତତା ଆସିଯାଏ। ସେହିପରି, କିଛି ବନ୍ଧୁ ଏପରି ଥାଆନ୍ତି ଯାହାଙ୍କ ପାଇଁ ଆମେ ଜୀବନର ସବୁକିଛି ଉତ୍ସର୍ଗ କରିଦେଇଥାଉ, ମାତ୍ର କୌଣସି ନୂଆ ବନ୍ଧୁ ମିଳିଗଲେ ସେମାନେ ଅତୀତର ସମସ୍ତ ତ୍ୟାଗ ଓ ସହଯୋଗକୁ ସହଜରେ ଭୁଲିଯାଆନ୍ତି। ଥରେ ହେଲେ ବି ଭାବନ୍ତି ନାହିଁ ଯେ ଅତୀତରେ ଏହି ବ୍ୟକ୍ତିଟି ତାଙ୍କ ପାଇଁ କ'ଣ ସବୁ କରିଥିଲା। ଆଜିର ବିଚିତ୍ର ଦୁନିଆରେ ଯିଏ ଛଳନା ଓ ଚାଟୁକାରିତା କରୁଛି, ସେ ଭଲ ବନ୍ଧୁର ଆଖ୍ୟା ପାଉଛି, ଆଉ ଯିଏ ସତୋଟତା, ଆଦର ଓ ଆନ୍ତରିକତା ସହ ଭଲପାଉଛି, ସେ ଆଜି ବନ୍ଧୁତାଠାରୁ ଦୂରେଇ ରହିବାକୁ ବାଧ୍ୟ ହେଉଛି।

ବର୍ଷ ବର୍ଷ ଧରି ଗଢ଼ିଉଠିଥିବା ନିବିଡ଼ ସମ୍ପର୍କ ଗୋଟିଏ ସାମାନ୍ୟ ଭୁଲ୍? ବୁଝାମଣା ଯୋଗୁଁ ଭାଙ୍ଗିଯାଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ବନ୍ଧୁ ସହ ଦିନେ ସବୁ ଗୋପନ କଥା ବଣ୍ଟାଯାଇଥିଲା, ସମ୍ପର୍କ ଭାଙ୍ଗିଗଲା ପରେ ସେହି ବନ୍ଧୁ ହିଁ ଶତ୍ରୁ ସହ ମିଶି କ୍ଷତି ପହଞ୍ଚାଇବାକୁ ପଛାଉନାହିଁ। ଏହିସବୁ ପ୍ରତାରଣା ଓ ଛଳନା କାରଣରୁ ଆଜି ମଣିଷ କାହାକୁ ସହଜରେ ବିଶ୍ୱାସ କରି ନୂଆ ବନ୍ଧୁଟିଏ କରିବାକୁ ପଛଘୁଞ୍ଚା ଦେଉଛି। ପ୍ରତିଟି ସମ୍ପର୍କରେ ସନ୍ଦେହ ଓ ଭୟର ଛାୟା ଦେଖାଦେଉଛି। ଛଳନା, ପ୍ରତାରଣା ଓ ସ୍ୱାର୍ଥପରତାର ଏହି ବିଷାକ୍ତ ସ୍ରୋତ ମଧ୍ୟରେ ଜଣେ ସଚ୍ଚା, ନିସ୍ୱାର୍ଥପର ଓ ଶ୍ରଦ୍ଧାବାନ୍? ବନ୍ଧୁ ପାଇବା ନିଶ୍ଚିତ ଭାବେ ଆଜିର ସମାଜରେ ଏକ ବଡ଼ ଆହ୍ୱାନ ହୋଇପଡ଼ିଛି।

ଏସବୁ ନକାରାତ୍ମକ ପରିସ୍ଥିତି ସତ୍ତ୍ୱେ, ବନ୍ଧୁତାର ସମ୍ପୂର୍ଣ୍ଣ ଆଲୋକ ଲିଭିଯାଇନାହିଁ। ଆଜି ବି ସମାଜରେ କିଛି ନିସ୍ୱାର୍ଥପର, ତ୍ୟାଗୀ ଓ ହୃଦୟବାନ୍? ମଣିଷ ଅଛନ୍ତି, ଯାହାଙ୍କ ଯୋଗୁଁ ବନ୍ଧୁତାର ପବିତ୍ରତା ଓ ସୌନ୍ଦର୍ଯ୍ୟ ଆଜି ବି ବଞ୍ଚିରହିଛି। ବନ୍ଧୁତା ଦିବସ କେବଳ ସୋସିଆଲ୍? ମିଡିଆରେ ଗୋଟିଏ ସୁନ୍ଦର ମେସେଜ୍? କିମ୍ବା ଫଟୋ ପୋଷ୍ଟ କରିବାର ଦିନ ନୁହେଁ, ବରଂ ଏହା ନିଜ ଅନ୍ତରାତ୍ମାକୁ ପ୍ରଶ୍ନ କରିବାର ଓ ଆତ୍ମସମୀକ୍ଷା କରିବାର ସମୟ। ଆମକୁ ନିଜକୁ ପ୍ରଶ୍ନ ପଚାରିବାକୁ ହେବ  ଆମେ ନିଜେ କାହା ପାଇଁ ଜଣେ ସଚ୍ଚା, ନିସ୍ୱାର୍ଥପର ଓ ବିଶ୍ୱସନୀୟ ବନ୍ଧୁ ହୋଇପାରିଛେ ତ ? ସ୍ୱାର୍ଥର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ସମ୍ପର୍କକୁ ସମ୍ମାନ ଦେବା, ପ୍ରତିବଦଳରେ କିଛି ନ ଚାହିଁ ଅନ୍ୟକୁ ସାହାଯ୍ୟ କରିବା ଏବଂ ବିପଦ ସମୟରେ ଆନ୍ତରିକତାର ସହ ସାଥ୍? ଦେବା ହିଁ ପ୍ରକୃତ ବନ୍ଧୁତାର ଶ୍ରେଷ୍ଠ ପରିଚୟ। ଯଦି ଆମେ ନିଜେ ସଚ୍ଚୋଟ ଓ ନିସ୍ୱାର୍ଥପର ହେବା, ତେବେ ନିଶ୍ଚିତ ଭାବେ ଏହି ବଦଳୁଥିବା ସମାଜରେ ପୁଣିଥରେ ପ୍ରକୃତ ବନ୍ଧୁତାର ହଜିଯାଇଥିବା ମୂଲ୍ୟବୋଧ ପ୍ରତିଷ୍ଠିତ ହୋଇପାରିବ ଏବଂ ଜୀବନର ଚଲାପଥ ସୁନ୍ଦର ହୋଇଉଠିବ।

**ଅଖିଳ ତରାଇ, ଗଞ୍ଜାମ,**

## ତତ୍ତ୍ୱଶୋଧ

ଯେ ପର୍ଯ୍ୟନ୍ତ ମହର୍ଷି ଦଧୀଚିଙ୍କର ଧର୍ମପତ୍ନୀ ଭଗବତୀ ବେଦବତୀଙ୍କର ଉପସ୍ଥିତି ରହିଥିଲା, ସେ ପର୍ଯ୍ୟନ୍ତ ତାଙ୍କ ଆଶ୍ରମକୁ ପ୍ରବେଶ କରିବା ଇନ୍ଦ୍ରଙ୍କ ଭଳି ମହାବଳୀ ଦେବତାଙ୍କ ପାଇଁ ବି କଠିନ ଥିଲା । ଇନ୍ଦ୍ର ସମସ୍ତଙ୍କ ନିକଟରେ ଲୁଚି ପାରୁଥିଲେ କିନ୍ତୁ କୃତୀଙ୍କର ଅପୂର୍ବ ତେଜ ଆଗରେ ଛଦ୍ମବେଶ ଧାରଣ କରିବା ତାଙ୍କ ପାଇଁ ସମ୍ଭବ ହୋଇ ନ ଥିଲା । ବେଦବତୀ ଜଳ ଆଣିବା ପାଇଁ ବାହାରକୁ ବାହାରିଲେ, ସେତେବେଳେ ଇନ୍ଦ୍ର ଆଶ୍ରମକୁ ପ୍ରବେଶ କଲେ ଏବଂ ମହର୍ଷି ଦଧୀଚିଙ୍କ ନିକଟରେ ଅସ୍ଥିଦାନର ଯାଚନା କରି ତାହାକୁ ନେଇ ଯାଇଥିଲେ । ବେଦବତୀ ଆଶ୍ରମକୁ ଫେରିବା ପୂର୍ବରୁ ଅସ୍ଥିଦାନ କାର୍ଯ୍ୟ ସମ୍ପନ୍ନ ହୋଇ ଯାଇଥିଲା । ମହର୍ଷି ଦଧୀଚି ବୃତ୍ରାସୁରକୁ ମାରିବା ଉଦ୍ଦେଶ୍ୟରେ ବଜ୍ର ତିଆରି କରିବା ପାଇଁ ନିଜର ଅସ୍ଥିଦାନ କରି ସାରିଥିଲେ, ତାଙ୍କର ପ୍ରାଣ ଚାଲିଯାଇଥିଲା । ବେଦବତୀ ଗୋଟିଏ ମୂହୁର୍ତ୍ତରେ ସମସ୍ତ ସ୍ଥିତିକୁ ଅନୁମାନ କରିନେଲେ । ସେ ଇନ୍ଦ୍ରଙ୍କୁ ଅଭିଶାପ ଦେବାକୁ ଯିବା ସମୟରେ ଦିବ୍ୟ ଦେହଧାରୀ ମହର୍ଷି ତାଙ୍କୁ ପରାବାଣୀ ମାଧ୍ୟମରେ ବୁଝାଇଲେ, 'ଭଦ୍ରେ ! ଦେବତ୍ୱର ରକ୍ଷା ପାଇଁ ମୁଁ ସ୍ୱେଚ୍ଛାକୃତ ଭାବରେ ନିଜର ଅସ୍ଥିଦାନ କରିଛି । ଏବେ ତୁମ ପାଇଁ ଏହା ଉଚିତ ହେବ ଯେ, ଅଭିଶାପ ନ ଦେଇ ଗର୍ଭରେ ବଢୁଥିବା ଆତ୍ମାକୁ ଏପରି ଭାବରେ ନିର୍ମାଣ କର, ଯେପରି 'ତତ୍ତ୍ୱଶୋଧ' ଉଦ୍ଦେଶ୍ୟରେ ମୋର ସାଧନା ଅସମ୍ପୂର୍ଣ୍ଣ ରହିବ ନାହିଁ ।' 'ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ ହେ ଦେବ !' ଏହା କହି ବେଦବତୀ ତପଶ୍ଚର୍ଯ୍ୟାରେ ସଂଲଗ୍ନ ହୋଇଗଲେ । ଇତିହାସ ସାକ୍ଷୀ ଅଛି ଯେ, ନିଜ ଗର୍ଭରୁ ପିପ୍ପଳାଦଙ୍କ ପରି ମହାନ୍ ଋଷିଙ୍କୁ ଉପନ୍ନ କରି ସେ ପତିଙ୍କର ଏହି ଅନ୍ତିମ କାମନାକୁ ମଧ୍ୟ ପୂରା କରିଥିଲେ ।

(ସୌଜନ୍ୟ : ଅଖଣ୍ଡ ଜ୍ୟୋତି)

# ଛାତ୍ରଶକ୍ତିର ସତର୍କ ଘଣ୍ଟି : ଇସ୍ତଫା ପରେ ବି ଅବଶିଷ୍ଟ ରହିଛି ଅନେକ ପ୍ରଶ୍ନ

ଦେଶର ରାଜନୈତିକ ପରିସରରେ ଘଟିଥିବା ସଦ୍ୟତମ ଘଟଣା ନିଶ୍ଚିତ ଭାବେ ଇତିହାସର ପୃଷ୍ଠାରେ ସ୍ଥାନ ପାଇବ। ଦୀର୍ଘ ଦୁଇ ମାସ ଧରି ଚାଲିଥିବା ତର୍କ, ବିତର୍କ, ଆଲୋଚନା ଓ ପ୍ରତିବାଦ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଘୋଷଣା ଏକ ନୂଆ ରାଜନୈତିକ ଅଧ୍ୟାୟର ଆରମ୍ଭ କରିଛି। ଗତ ଦଶ ଦିନ ଧରି ଦିଲ୍ଲୀର ରାଜପଥରେ ଚାଲିଥିବା ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଆନ୍ଦୋଳନ କେବଳ ଜଣେ ମନ୍ତ୍ରୀଙ୍କ ପଦତ୍ୟାଗ ଦାବିରେ ସୀମିତ ନଥିଲା ଏହା ଥିଲା ଏକ ବ୍ୟବସ୍ଥା ବିରୋଧୀ କ୍ଷୋଭର ପ୍ରକାଶ, ଏକ ନ୍ୟାୟସଙ୍ଗତ ଓ ବିଶ୍ୱସନୀୟ ଶିକ୍ଷା ବ୍ୟବସ୍ଥା ପାଇଁ ସଂଘର୍ଷ।

ଘଟଣାର ଆରମ୍ଭ ଯେଉଁ କାରଣରୁ ହୋଇଥାଉ, ତାହା ଏବେ ଏକ ବଡ଼ ଜାତୀୟ ପ୍ରଶ୍ନରେ ପରିଣତ ହୋଇଛି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡିତ ଏକ ପ୍ରକ୍ରିୟାରେ ଅନିୟମିତତା, ଅବ୍ୟବସ୍ଥା କିମ୍ବା ସ୍ୱଚ୍ଛତାର ଅଭାବ ଦେଖାଦେଲେ ସେଥିର ପ୍ରଭାବ କେବଳ ଶିକ୍ଷା କ୍ଷେତ୍ରରେ ସୀମିତ ରହେନାହିଁ ଏହା ଯୁବପିଢ଼ିର ମନରେ ରାଷ୍ଟ୍ରର ପ୍ରତିଷ୍ଠାନ ଉପରେ ଥିବା ବିଶ୍ୱାସକୁ ମଧ୍ୟ ଦୁର୍ବଳ କରିଦିଏ। ଏହି ବିଶ୍ୱାସହାନୀ ହିଁ ଆନ୍ଦୋଳନର ପ୍ରମୁଖ କାରଣ ହୋଇଥିଲା।

ଗତ ଦୁଇ ମାସ ଧରି ସମଗ୍ର ଦେଶରେ ଏହି ପ୍ରସଙ୍ଗକୁ ନେଇ ଚର୍ଚ୍ଚା ଚାଲିଥିଲା। ସଂସଦରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ, ଶିକ୍ଷାନୁଷ୍ଠାନରୁ ଆରମ୍ଭ କରି ଚା' ଦୋକାନ ପର୍ଯ୍ୟନ୍ତ ସବୁଠି ଏହା ଆଲୋଚନାର ବିଷୟ ପାଲଟିଥିଲା। ସରକାରୀ ବ୍ୟାଖ୍ୟା, ବିରୋଧୀ ଦଳର ଅଭିଯୋଗ, ବିଶେଷଜ୍ଞଙ୍କ ମତାମତ ଏବଂ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ମଧ୍ୟରେ ଘଟଣାକ୍ରମ ଧୀରେ ଧୀରେ ଏକ ଜନଆନ୍ଦୋଳନର ରୂପ ନେଇଥିଲା। ଶେଷରେ ଯେତେବେଳେ ହଜାର ହଜାର ଯୁବକ ଓ ଛାତ୍ରଛାତ୍ରୀ ଦିଲ୍ଲୀରେ ଏକତ୍ରିତ ହୋଇ ପ୍ରତିବାଦର ସ୍ୱର ଉଚ୍ଚ କଲେ, ସେତେବେଳେ ଏହା କେବଳ ଏକ ଶିକ୍ଷାଗତ ପ୍ରଶ୍ନ ନୁହେଁ, ବରଂ ଏକ ରାଜନୈତିକ ଓ ନୈତିକ ପ୍ରଶ୍ନରେ ପରିଣତ ହୋଇଗଲା।

ଏହି ଘଟଣା ପୁଣିଥରେ ପ୍ରମାଣ କରିଛି ଯେ, ଛାତ୍ରଶକ୍ତି ଓ ଯୁବଶକ୍ତି କେବଳ ଦେଶର ଭବିଷ୍ୟତ ନୁହେଁ ସେମାନେ ବର୍ତ୍ତମାନର ମଧ୍ୟ ସବୁଠାରୁ ପ୍ରଭାବଶାଳୀ ସାମାଜିକ ଶକ୍ତି। ଇତିହାସକୁ ଦେଖିଲେ ଏହା ସ୍ପଷ୍ଟ ହୁଏ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଛାତ୍ରମାନଙ୍କ ଭୂମିକା, ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନ, ଆସାମ ଛାତ୍ର ଆନ୍ଦୋଳନ, ଦୁର୍ନୀତି ବିରୋଧୀ ଜନଆନ୍ଦୋଳନ କିମ୍ବା ବିଶ୍ୱର ବିଭିନ୍ନ ଦେଶରେ ଘଟିଥିବା ଛାତ୍ର ବିଦ୍ରୋହସବୁଠି ଯୁବପିଢ଼ି ହିଁ ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ଅଗ୍ରଣୀ ଶକ୍ତି ଭାବେ ଉଭା ହୋଇଛନ୍ତି।

ଫ୍ରାନ୍ସର ଛାତ୍ର ଆନ୍ଦୋଳନ, ଆମେରିକାର ଯୁଦ୍ଧବିରୋଧୀ ଆନ୍ଦୋଳନ କିମ୍ବା ବାଂଲାଦେଶର ସାମ୍ପ୍ରତିକ ଛାତ୍ର ଆନ୍ଦୋଳନପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତି ରାଜନୀତିର ଦିଗ ବଦଳାଇଛି।

ଆଜିର ଘଟଣା ମଧ୍ୟ ସେହି ଐତିହାସିକ ସତ୍ୟକୁ ପୁନଃ ପ୍ରତିଷ୍ଠିତ କରିଛି। ଗଣତନ୍ତ୍ରରେ ଜନମତର ଶକ୍ତି ସର୍ବୋଚ୍ଚ। ଏବଂ ଯେତେବେଳେ ସେହି ଜନମତର ନେତୃତ୍ୱ ଯୁବପିଢ଼ି ନେଇଥାଏ, ସେତେବେଳେ ତାହାକୁ ଅଣଦେଖା କରିବା କୌଣସି ସରକାର ପାଇଁ ସହଜ ନୁହେଁ।

ତେବେ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ମନ୍ତ୍ରୀଙ୍କ ଇସ୍ତଫା କଣ ଏହି ସମସ୍ୟାର ଅନ୍ତିମ ସମାଧାନ? ନାକଣ ଏହା କେବଳ ଏକ ତତ୍କାଳିକ ରାଜନୈତିକ ପ୍ରତିକ୍ରିୟା?

ଗଣତନ୍ତ୍ରରେ ପଦାଧିକାରୀଙ୍କ ଇସ୍ତଫାକୁ ଉତ୍ତରଦାୟିତ୍ୱର ଏକ ଉଦାହରଣ ଭାବେ ଦେଖାଯାଏ। କୌଣସି ବିଭାଗରେ ଗୁରୁତର ତ୍ରୁଟି କିମ୍ବା ଜନଅସନ୍ତୋଷ ଦେଖାଦେଲେ ମନ୍ତ୍ରୀ ନୈତିକ ଦାୟିତ୍ୱ ଗ୍ରହଣ କରି ପଦତ୍ୟାଗ କରିବା ଏକ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା। ଏହି ଦୃଷ୍ଟିକୋଣରୁ ଇସ୍ତଫାକୁ ଦାୟିତ୍ୱବୋଧର ପ୍ରତୀକ ବୋଲି କୁହାଯାଇପାରେ। କିନ୍ତୁ ଗଣତନ୍ତ୍ର କେବଳ ବ୍ୟକ୍ତି ପରିବର୍ତ୍ତନରେ ସୀମିତ ନୁହେଁ ଏହା ବ୍ୟବସ୍ଥାର ସଂସ୍କାରକୁ ମଧ୍ୟ ଦାବି କରେ।

ଯଦି ସମସ୍ୟାର ମୂଳ ରହିଛି ପ୍ରଶାସନିକ ଦୁର୍ବଳତା, ଅସ୍ୱଚ୍ଛ ପ୍ରକ୍ରିୟା, ଦୁର୍ନୀତି, ଅବହେଳା କିମ୍ବା ନିରୀକ୍ଷଣର ଅଭାବରେ, ତେବେ କେବଳ ଜଣେ ମନ୍ତ୍ରୀଙ୍କ ବିଦାୟ ଦ୍ୱାରା ତାହାର ସମାଧାନ ହେବ ନାହିଁ। ଆବଶ୍ୟକ ହେଉଛି ଆମୂଳଚୂଳ ସଂସ୍କାର। ପରୀକ୍ଷା ପରିଚାଳନା ପ୍ରଣାଳୀର ଆଧୁନିକୀକରଣ, ପ୍ରଯୁକ୍ତି ଆଧାରିତ ସୁରକ୍ଷା ବ୍ୟବସ୍ଥା, ସ୍ୱାଧୀନ ତଦନ୍ତ ପ୍ରଣାଳୀ, ଦୋଷୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଏବଂ ସ୍ୱଚ୍ଛ ନିରୀକ୍ଷଣ ବ୍ୟବସ୍ଥା ଗଢ଼ି ତୋଳିବା ଏବେ ସମୟର ଦାବି।

ଆଉ ଏକ ପ୍ରଶ୍ନ ହେଉଛି ଦେଶର ରାଜନୀତି କେଉଁ ଦିଗକୁ ଗତି କରୁଛି? ଏହି ଘଟଣା ସ୍ପଷ୍ଟ କରିଛି ଯେ, ଆଜିର ଯୁବପିଢ଼ି କେବଳ ନିର୍ବାଚନୀ ପ୍ରତିଶ୍ରୁତି ଶୁଣି ସନ୍ତୁଷ୍ଟ ନୁହେଁ। ସେମାନେ ସ୍ୱଚ୍ଛତା ଚାହୁଁଛନ୍ତି, ଦକ୍ଷତା ଚାହୁଁଛନ୍ତି, ନ୍ୟାୟ ଚାହୁଁଛନ୍ତି ଏବଂ ସବୁଠାରୁ ବଡ଼ କଥା ହେଉଛି ସେମାନେ ଦାୟବଦ୍ଧ ଶାସନ ଚାହୁଁଛନ୍ତି। ଯେକୌଣସି ସରକାର ପାଇଁ ଏହା ଏକ ସ୍ପଷ୍ଟ ସନ୍ଦେଶ ଯେ, ଯୁବପିଢ଼ିର ଆକାଂକ୍ଷାକୁ ଅବହେଳା କରିବାର ସୁଯୋଗ ଆଉ ନାହିଁ।

ଗଣତନ୍ତ୍ରର ଶକ୍ତି କେବଳ ସଂସଦରେ ନୁହେଁ, ଜନସାଧାରଣଙ୍କ ସଚେତନତାରେ ନିହିତ। ଆଜିର ଆନ୍ଦୋଳନ ସେହି ସଚେତନତାର ଏକ ପ୍ରକାଶ। ଏହା କେବଳ ଜଣେ ମନ୍ତ୍ରୀଙ୍କ ଇସ୍ତଫାର କାହାଣୀ ନୁହେଁ ଏହା ଏକ ସମଗ୍ର ପିଢ଼ିର ଆଶା, ଅସନ୍ତୋଷ ଓ ଅଧିକାର ସଚେତନତାର କାହାଣୀ।

ସେଥିପାଇଁ ଆଜିର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଇସ୍ତଫା ପରବର୍ତ୍ତୀ ସଂସ୍କାର। କାରଣ ବ୍ୟକ୍ତିର ପରିବର୍ତ୍ତନ ଅପେକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ଅଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ଘଟଣା ଶିକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଅଧିକ ନ୍ୟାୟସଙ୍ଗତ ଏବଂ ଅଧିକ ବିଶ୍ୱସନୀୟ କରିବାର ପଥ ଖୋଲିଦିଏ, ତେବେ ଏହି ଆନ୍ଦୋଳନ ଓ ଏହି ଇସ୍ତଫା ଇତିହାସରେ ଏକ ସକରାତ୍ମକ ମୋଡ଼ ଭାବେ ସ୍ମରଣୀୟ ହେବ। ନଚେତ୍? ଏହା ଆଉ ଏକ ରାଜନୈତିକ ଘଟଣା ହୋଇ ସମୟର ସ୍ରୋତରେ ହଜିଯିବ।

ଏବେ ସମଗ୍ର ଦେଶର ଦୃଷ୍ଟି ଏକମାତ୍ର ପ୍ରଶ୍ନ ଉପରେ ନିବିଡ଼ ହୋଇ ରହିଛିଇସ୍ତଫା ପରେ କଣ ସତରେ ବ୍ୟବସ୍ଥା ବଦଳିବ?

**ସିତାଂଶୁ ଶେଖର ମିଶ୍ର**
**ଶାନ୍ତି ନଗର,ସୋନପୁର**

# ଗାଁ ପରିବେଶ ଓ ଗାଁ ମଣିଷ

ବାପା ଅଶୋକ ଓ ମାଆ ମିନତି ଙ୍କ ସଙ୍ଗେ ଛୁଟିରେ ମସ୍ତି କରିବାକୁ ଗାଁକୁ ଆସିଥାଆନ୍ତି ଦୁଇଭାଇ ଚିକୁ ଓ ମିକୁ । ଗାଁ ତାଙ୍କୁ ଖୁବ ଭଲ ଲାଗୁଥାଏ । କେବେ ଜମିରେ ଠିଆ ହୋଇଥିବା ପାଳଭୂତ ଦେଖି ଅଭିଭୂତ ହୁଅନ୍ତି ଦୁଇଭାଇ ତ କେବେ ବାଇଚଢେଇ ବସା, ପୁଣି କେବେ ଧାନ ବେଙ୍ଗଳା ପଡ଼ିବାର ଦୃଶ୍ୟ ତ କେବେ ହଳ ଲଙ୍ଗଳ ଧରି ବିଲ ଚାଷ କରିବା ଦୃଶ୍ୟ । ଏସବୁ ମସ୍ତି ଭିତରେ ପଡୋଶୀ ଘର ସମସାଅମାୟିକ ପୁଅ ମୁନା ସହ ସାଙ୍ଗ ହୋଇ ତାଙ୍କ ଘରେ ଅଁଳା କୋଳି ଆଚାର ଖାଇବା, ମୁନା ର ଜେଜେ ମାଆ ଙ୍କ ପାଖରୁ ଗପ ଶୁଣି ମୁନା ସହ ଚିକୁ ମିକୁ ତାଙ୍କ ଘରେ ମୁନା ଜେଜେମାଆ କୋଳରେ ଶୋଇଯାଆନ୍ତି ପୁଣି ମୁନା ତା ଜେଜେଙ୍କୁ ଘୋଡା କରି ତାଙ୍କ ପିଠିରେ ଦୁଇଭାଇ ଚାଲ ଘୋଡା ଚାଲ କହି ମୁନାର ଜେଜେଙ୍କ ପିଠି ରେ ବସିଲେ ମୁନା ନିଜେ ଓ ମୁନା ଘର ଲୋକ ତାଳି ମାରୁଥାଆନ୍ତି ମସ୍ତି ମଜ୍ଜା କରୁଥାଆନ୍ତି କିନ୍ତୁ ମାଆ ଆସି ବିରକ୍ତ ହୋଇ ଚିକୁ ମିକୁଙ୍କୁ ବାରଣ କରନ୍ତି । ସେଦିନ ଚିକୁ ମିକୁ ଦୁଇଭାଇ ପଡୋଶୀ ମୁନା ଘରକୁ ଯାଇ ନପାରି ଖୁବ କାନ୍ଦୁଥିଲେ ତଥାପି ମାଆ କହୁଥିଲେ ତୁମେ ଦୁଇଜଣ ଯାହା କରୁଛ ଘରେ କର ତାଙ୍କ ଘରକୁ ଯାଇ ସେମାନଙ୍କୁ ହଇରାଣ କର ନାହିଁ ।

ସେତିକି ବେଳକୁ ମୁନାର ଜେଜେମାଆ ନିଜ ହାତ ତିଆରି ଆରିସା ପିଠା ନେଇ ଚିକୁ ମିକୁ ଙ୍କୁ ଖୋଜି ପହଁଚିଲେ ଓ ଆଜି କାହିଁକି ଆମ ଘରକୁ ଯାଇନ ପଚାରିଲେ । ମୁନା ତୁମ ଦୁହିଁଙ୍କୁ ନଦେଖି ରଷି ବସିଛି । ତୁମେ ଦୁହେଁ ଗଲେ ସେ ତୁମ ଦୁହିଁଙ୍କ ସଙ୍ଗେ ବାଡ଼ିପଟ କଇଁ ଗଡିଆରୁ ଧରା ହୋଇଥିବା ଶେଉଳ ମାଛର ଝୋଳ । । । ବେଟା ହରିଆ ହରିଆ ବୋଲ କହି ମସ୍ତି କରିବା ସହ ଛୁଟିରେ ସାଙ୍ଗ ହୋଇ ଖାଇବାକୁ ଜିଦ ଧରି ବସିଛି । ଚିକୁ ମିକୁ ଡରି ଡରି ନିଜ ମାଆ ଙ୍କୁ ଚାହିଁଲେ ତ ମାଆ କହିଲେ ସେ ଦୁହେଁ ଗାଧେଇ ନାଁହାଁନ୍ତି । ଜେଜୀ ମାଆ କହୁଥିଲେ ନଗାଧାନ୍ତୁ କଣ ହେଲା ସେଇଠୁ!ମୁନା ସହମରା ନଡ଼ିଆ ତେଲ ଲଗେଇ ଗାଧେଇଦେବି । ଡରୁଛୁ କି ବୋହୁ । ମୁଁ ପରା ତୋର ଖୁଡି ଶାଶୁ ହେବି । ସହରକୁ ଚାଲିଗଲ ବୋଲି ଚିକୁ ମିକୁ କଣ ପର ହୋଇଗଲେ କହି ଚିକୁ ମିକୁ ଙ୍କ ପୋଷାକ ସହ ଜେଜୀ ମାଆ ସେ ଦୁହିଁଙ୍କୁ ନେଇ ଚାଲିଯିବା ବେଳେ ଚିକୁ ମିକୁ ଙ୍କ ମୁହଁରୁ ଝରିପଡୁଥିଲା ଛୁଟି ରେ ଗାଁ କୁ ଆସି କି ମଜ୍ଜା ସତରେ!ପଡୋଶୀ ଘର କି ପର ଆପଣା ଭେଦ ଭାବ ନଥିଲା ଗାଁରେ । ଦୁହେଁ ଭାବୁଥିଲେ ଗାଁ କେତେ ଭଲ ସତରେ!

ଚିକୁ ମିକୁ ଦୁଇଭାଇଙ୍କ ମାଆ ମିନତି, ଛୁଟିରେ ମସ୍ତି କରିବାକୁ ଗାଁକୁ ଆସି କିନ୍ତୁ ଭାବୁଥିଲେ ଅଲଗା କଥା । ଏଇ ଗାଁ ଝିଅ ମିନତି ସେଦିନ ଅଗିରା ପୂର୍ଣ୍ଣମୀ ଚାନ୍ଦିନୀ ରାତିରେ ଚନ୍ଦ୍ର ଙ୍କ ଶୀତଳତା ଭରା ଜୋଛନା ତଳେ ଠିଆ ହୋଇ କେତେକଣ ଭାବି ଚାଲିଥିଲା ବେଳେ ଅଶୋକ ଆସି ତାଙ୍କ ବାମ ହାତ ପାପୁଲଟିକୁ ଭିଡ଼ିନେଇ କହିଥିଲେ ତତେ ଗୋଟେ କଥା ପଚାରିବି ସତ କହିବୁ ମିନତି । କଥା ଶେଷ ହେବା ପୂର୍ବରୁ ହାତ ଛିଞ୍ଚଡି ଘର ଭିତରକୁ ଦୌଡ଼ି ପଳେଇଥିଲେ ମିନତି କିନ୍ତୁ ଆଜି ର ଏହି ପଡୋଶୀ ଖୁଡିଶାଶୁ ବୋଲାଉଥିବା ତାଙ୍କ ବୋଉ ବାପାଙ୍କ ପାଖେ କଥାଟା ପକ୍କା କରିବାକୁ ପଛେଇନଥିଲେ । ମଙ୍ଗଳ ଦୋଷ ଥିଲା ଜାତକରେ ବୋଲି ସବୁ ପ୍ରସ୍ତାବ କାଟ ଖାଇ ଯାଉଥିଲା ବେଳେ ଅଶୋକ ଙ୍କୁ କାହିଁକି ସେ ମଙ୍ଗଳ ଦୋଷରେ ଘାଣ୍ଟିବେ ବା କିଛି କ୍ଷତି ପହଞ୍ଚାଇବେ ଭାବି ସେଦିନ ଅଗିରା ଜଳା ସ୍ଥାନରୁ ଅଶୋକଙ୍କ ସ୍ୱର୍ଶ ରେ ଫିଟି ଆସିଥିବା ମିନତି ଙ୍କ ମାନତଳେ କେବଳ ଯେ ଅଶୋକ ରାଜା ହୋଇ ହୃଦୟ ମାଡିବସିଥିଲେ ଏକଥା ସେ ଅନେକଙ୍କ ସହିତ ଅଶୋକଙ୍କୁ ଫାଙ୍କି ଦେଲେ  ନିଜ ପାଖରେ ହାରି ଯାଉଥିଲା ବେଳେ ବାହଘର ହୋଇଗଲା ନେତି ଖୁଡିଙ୍କ ମଧ୍ୟସ୍ଥି ରେ । ବୋହୁ ହୋଇ ଆସିଲା ପରେ କିନ୍ତୁ ଶାଶୁଙ୍କ ଅସହ୍ୟ ଗାଳି ଗୁଲଜ ସାଙ୍ଗକୁ ପରୋକ୍ଷ କଟାକ୍ଷ ଓ ପ୍ରତ୍ୟେକ୍ଷ ଯନ୍ତ୍ରଣା ସହି ନପାରି ନେତି ଖୁଡିଙ୍କ ବାଡ଼ିପଟ କଇଁ ଗାଡିଆରେ ବସି କେତେ କାନ୍ଦନ୍ତି । ପଛରୁ ପିଠିରେ ହାତ ରଖି ନେତି ଖୁଡି ଖାଲି ତାଙ୍କୁ ବୁଝାନ୍ତି ନାହିଁ ବରଂ ଶାଶୁଙ୍କୁ ମଧ୍ୟ ବୁଝାନ୍ତି । ପାଚିଲା ପତର ଆମେ ଫଗୁଣ ଆସୁ ଆସୁ ପତ୍ରଝଡା ଦେବା ପରି କେତେବେଳେ ଝଡିଯିବା କିଏ କହିବ ନାନୀ । ତେଣୁ ବୋହୁକୁ ଝିଅ ପରି ଭାବ ଦେଖିବ ଜୀବନରେ ରଙ୍ଗ ଭରିଯିବ । କି ମଙ୍ଗଳ ଦୋଷ । । କାହିଁକି କରୁଛ ମିଛରେ ଅବଶୋଷ!ଆହେ ନାନୀ ଆଜିକାଲି ପରା ନାହାକ ପଣ୍ଡିତ କହନ୍ତି ମିଛ । । । ଦ୍ୱାରେ ଦ୍ୱାରେ ବୁଲି ମାଗନ୍ତି ଭିକ । ଏମିତି ସବୁ କହି କେତେ ବୁଝେଇଥିଲେ ଶାଶୁଙ୍କୁ ନେତି ଖୁଡି । ପୁଣି କହିଥିଲେ ଗଳ୍ପଟିଏ । ନୂଆ ବର୍ଷ ର ପ୍ରଥମ ସକାଳ ରେ ବୋହୁ ହାତର ମିଠା ଚା ଆହୁରି ମିଠା ଲାଗୁଥିଲା ଅର୍ପିତା ଙ୍କୁ । ଝିଅ ବାହା ହୋଇ ଶାଶୁ ଘରେ ହେଲେ ଏଇ ପର ଝିଅଟି ହିଁ ତାଙ୍କ ଘରର ଝିଅ । ପ୍ରକୃତରେ ସାମାଜିକ ନିୟମ ଓ କଟକଣା ଭିତରେ କେତେ ସବୁ ଅଭିଜ୍ଞତା ପୂର୍ଣ୍ଣ ବିଷୟ ର ସମାହାର ସଂସାର ରେ । ସମୟ ସାରଣୀ ସହ ତାଳ ମେଳ ରଖି ନିୟମ କାନୁନ କରାଯାଇଛି । ଯିଏ ଯାହା ସ୍ଥାନରେ ଠିକ ଠାକ ଅଛନ୍ତି । ସେତେବେଳେ ଯେବେ ପ୍ରଥମ କରି ବୋହୁ ହୋଇ ଶାଶୁ ଘର ଆସିଥିଲେ ଅର୍ପିତା ତାଙ୍କୁ ଭାରି ଅଭିମାନ ଲାଗିଥିଲା ଯେ କୋଡିଏ ବର୍ଷ କାଳ କଟେଇଥିବା ଘର ଟା ତାଙ୍କର ନୁହଁ ବରଂ ତାଙ୍କୁ ଆଉ କୋଉ ଘରକୁ ଯିବାକୁ ହେବ । ସେଇ ଅପରିଚିତ ଲୋକମାନଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ନିଜର କରିବାକୁ ହେବ ଭାବି ହାତ ଗୋଡ଼ ଥରେ ଯେ ଯଦି କେବେ କିଛି ଭୁଲ ହେଇନଯାଉ । ଗୋଟେ ଦିନର କଥା । ବଡ଼ ଯାଆ ଓ ନଣନ୍ଦ ଗୀତ ଗାଇବାକୁ କହିବାରୁ ଅର୍ପିତା ଗାଇଦେଲେ ସେଇ ଗୀତା ପଟ୍ଟନାୟକ ଙ୍କ ଗୀତ ଟି ବୋଧହୁଏ ମୁଁ ତ ଶାଶୁଘରେ ବୋହୁ ନୂଆ । । । ନୂଆ ମଣିଷଙ୍କୁ ନେଇ ମୁଁ ଚଳିବି କେମିତି ଲାଗେ ଛାନିଆଁ । । । ମୁଁ ତ ଶାଶୁ ଘରେ ବୋହୁ ନୂଆ । ଗୀତ ଟି ଗୀତଟିଏ ଥିଲା ବୋଲି କେହି ବୁଝିନଥିଲେ ସେଦିନ । ଗୀତର ଅର୍ଥ କୁ ବୁଝି ଶାଶୁ, ନଣନ୍ଦ ଓ ଯାଆ ମାନେ କଥା କାଢିଥିଲେ ।ଗୀତ ଟା କି ତାଙ୍କ ବୋଉ ର ଖୁବ ପ୍ରିୟ ଥିବାରୁ ଅଧିକାଂଶ ସେ ଗୁଣୁ ଗୁଣୁ ଗାଏ ତ ସମୟ କ୍ରମେ ଅର୍ପିତାଙ୍କ ପ୍ରିୟ ହୋଇଯାଇଥିଲା ଗୀତଟି କିନ୍ତୁ ଆଜି ବୋହୁ ହିସାବରେ ତାଙ୍କୁ ଶିକ୍ଷା ମିଳିଥିଲା କି ସବୁ ଜିନିଷର ସ୍ଥାନ କାଳ ଓ ପାତ୍ର ଅନୁଯାୟୀ ରୂପ, ଭେକ, ଅବସ୍ଥା ଓ ସ୍ୱରୂପ ଭିର୍ନ୍ନ ଭିର୍ନ୍ନ । ତେଣୁ ଝିଅକୁ ସେ ବଢ଼େଇଥିଲେ ସେମିତି ଯେ ଯେତେ ପାଠ ଶାଠ ପଢିଲେ ମଧ୍ୟ ବୋହୁ ହେଲାପରେ ଝିଅଟିଏ ନିଜକୁ ବଦଳାଇ ନେବା ଉଚିତ । ସମୟ ସହିତ ତାଳ ମେଳ ରଖିବା ସହ ସ୍ଥାନ କାଳ ପାତ୍ର ଓ କାଳ ର ମୂଲ୍ୟ ବୁଝିବା ଦରକାର । ଯାହା ହେଉ ଝିଅ ର ତାଙ୍କର ଭଲ ବୋହୁ ବୋଲି ସୁନାମ ଅଛି । ସେଥିପାଇଁ ମାଆ ର ଅବଦାନ ଅଛି ବୋଲି କେହି କହିବେନି କିନ୍ତୁ ଭୁଲ ହୋଇଗଲେ କି ପାଟିରୁ କଥା ଖସିଗଲେ ବା ଭୁଲ ଭାଲ ଅଜଣାତ ରେ ହୋଇଗଲେ ମଧ୍ୟ ଶୁଣିବାକୁ ମିଳେ ମାଆ ଯେମିତି ବଢ଼େଇଛି ଝିଅ ସେମିତି ଆଚରଣ ଓ ଉଚ୍ଚାରଣ କରୁଛି । ସେଥିପାଇଁ ଅର୍ପିତାଙ୍କ ଝିଅ ମଧ୍ୟ ଖୁବ ସତର୍କ ।

ଏଠି ଘରେ ଝିଅକୁ ବିଦା କରିସାରିବା ପରେ, ଅର୍ପିତା ବୋହୁ ଆଣିବା ପରେ  ନିଜେ ଖୁବ ସମୟ ଉପଯୋଗୀ ସତର୍କ । ବଢେଇବା ଶିଖେଇବା କେହି ଆଜିକାଲି ଗ୍ରହଣ କରେନାହିଁ । ସ୍ୱାଧୀନତା ଦେବା ମଧ୍ୟ କେହି ଲୋଡ଼େ ନାହିଁ । ଭଲ କହିଲେ ଭେଲ ହୁଏ ବୋଲି ବୁଝିସାରିଥିବା ଅର୍ପିତା ହୁଏତ ଭଲ ମାଆ କି ନୁହଁନ୍ତି ଝିଅ ପୁଅ କହିବେ କିନ୍ତୁ ବୋହୁ ପାଇଁ ସେ ନିଜେ ମାଆ ଠାରୁ ଅଧିକା ହୁଅନ୍ତି । ପାଟି ଫିଟାନ୍ତି ନାହିଁ କି କଟକଣା କରନ୍ତି ନାହିଁ ତ ସମ୍ପର୍କ ଠିକ ଠାକ ଚାଲିଛି । ବୁଝିଯାଇଛନ୍ତି ଅର୍ପିତା କି ନିଜ ଝିଅ ନୁହଁ ବରଂ ବୋହୁ ହିଁ ପାଖରେ ଥିବ । ହାତ ଗୋଡ଼ ନଚାଲିଲା ବେଳେ ଆହା ସାହା ରାହା ହେବାକୁ ତଥା ଆଶ୍ରୟ ହୋଇ ପାଖରେ ଥିବ ପରଝିଅ ବୋହୁ ।ତ ନୂଆବର୍ଷ ର ନୂଆ ସକାଳେ ବୋହୁ ମୁହଁ ଦିଶୁଥିଲା ଖୁବ ସୁନ୍ଦର, ସତେଜ ଓ ଆକର୍ଷଣୟ ଠିକ ନୂଆ ସକାଳ ର ନୂତନ ସୂର୍ଯ୍ୟ ଙ୍କ ପରି । ସତରେ କିଏ ହେବ ବୋହୁ ସରି! ଏଇତ ଚା ପରେ ପରେ ସଜାଡ଼ିଲାଣି ସୁସ୍ୱାଦୁ ଜଳଖିଆ ।ବାସ୍ନାରେ ମହକୁଛି ଘର ବାହାର । ସେ ବାସ୍ନା ଭାରି ସ୍ୱତନ୍ତ୍ର, ଠିକ ବୋହୁ ପରି ।ମିନତି ଙ୍କୁ ମଧ୍ୟ ସେହିପରି ଗପଟିଏ ଶୁଣେଇ କହିଥିଲେ ଶାଶୁ ବୋହୁଙ୍କ ସମ୍ପର୍କ କିପରି ହେବା ଉଚିତ କହି କହିଥିଲେ ଗପଟି ।ସୌମ୍ୟର ସ୍ତ୍ରୀ ନୂଆବୋହୁର ମାଛ ଖୁବ ପସନ୍ଦ । ସବୁଦିନ ଶାଶୁମାଆଙ୍କ ବରାଦରେ ଘରକୁ ମାଛ ଆସୁଥିଲେ ବି ଶାଶୁମା କେ ଖାଆନ୍ତି ନାହିଁ । ବୋହୁର ସାହାସ ହୁଏନି ପଚାରିବାକୁ କାହିଁକି ବୋଲି କିନ୍ତୁ ସୌମ୍ୟ କହେ ସେ ତୁମ ଭଳି ବିଲେଇ ହୋଇକି ନାହିଁ । ଏ ଉତ୍ତର ଶୁଣି ସ୍ନିଗ୍ଧାକୁ ଲାଗେ ତେବେ ଆଗରୁ କଣ ମାଆ ବିଲେଇ ପରି ମାଛ ଖାଉଥିଲେ ଏବେ ତେବେ କାହିଁକି ଖାଉନାହାଁନ୍ତି ବୋଲି ଭାବେ କିନ୍ତୁ ପଚାରିପାରେନା,ଯଦିଓ ମାମୁଁଘର ସମୁଦ୍ରକୂଳିଆ ଅଞ୍ଚଳରୁ ଆସୁଥାଏ ଋତୁ ଅନୁଯାଇ ଢେର ମାଛ ତା ପାଇଁ । ମାଆ କହନ୍ତି କାହିଁ ଏତେ କଷ୍ଟ କରି ଆସିଲ ଦାମ କକାତ ମାମୁଁଘର ପ୍ରଜା ଦାମକକା କହନ୍ତି ତୁମେ ସିନା ଛାଡିଦେଲ ମାଛ ଖାଇବା ଦେଇ ହେଲେ ନୂଆବୋହୂ ମାଆ ପରା ମାଛ ପ୍ରିୟ । ଏଥର ସ୍ନିଗ୍ଧା କିନ୍ତୁ ଗୋଟେ କଥାରେ ନିଶ୍ଚିନ୍ତ ହୋଇଗଲେ ଯେ ଆଗରୁ ମାଆ ତେବେ ଖାଉଥିଲେ ମାଛ । ମାଛତ ମାଛ ରୋହି ଭାକୁର ମୁଣ୍ଡ ।

ସ୍ନିଗ୍ଧା ନୂଆରୁ ପୁରୁଣା ହୋଇ ଦୁଇ ଦୁଇଟା ଛୁଆର ମାଆ ହେଲେଣି । ଲାଜ ଭୟ ସଂଭ୍ରମ ବଦଳରେ ସାହାସୀ, ନିର୍ଭୟା ହେବା ସହ ପରିବାରର କର୍ତ୍ତୀ ନହେଲେ ମଧ୍ୟ ମୁକ୍ତପକ୍ଷୀଟିଏ ହୋଇପାରିଲେଣି ତ ସେଦିନ ଡ଼ଲଫିନ ଦେଖିବାକୁ ଯାଇ ପିଲାଦୁହିଁଙ୍କ ସହ ସ୍ୱାମୀଙ୍କ ସଙ୍ଗେ ଶାଶୁଙ୍କୁ ବାଧ କରି ଜୋର କରି ନେଇଯାଇଥିଲେ । ଆସନ୍ତୁ ମାଆ ସେତେବେଳର ଡଲଫିନ ଓ ଏବେର ଡଲଫିନଙ୍କ ମଧ୍ୟରେ ପ୍ରଭେଦ ଦେଖିବେ । ସତକୁ ସତ କେତେ ସମ୍ବେଦନଶୀଳ ସେମାନେ! ଗ୍ରୁପ ପରେ ଗ୍ରୁପରେ ଯାଉଥିବା ଦର୍ଶକ ଭିତରେ ଥିବା ସମସ୍ତଙ୍କୁ କଥାରେ ନକହି ଠାରରେ ହାଲୋ ହାଏ କରିବା ଓ ସମସ୍ତଙ୍କୁ ଗେଲ କରିବା ଆଦି ସମ୍ବେଦନଶୀଳ କାର୍ଯ୍ୟକଳାପରେ ଅଭିଭୂତ ହେଉ ହେଉ ଫେରିଲା ବେଳେ ମାଆ କହୁଥିଲେ ଏ ତିମି, ଡଲଫିନମାନଙ୍କ ଭଳି ମାଛମାନେ ମଧ୍ୟ ଖୁବ ସମ୍ବେଦନଶୀଳ ।ସ୍ନିଗ୍ଧା କିଛି ବୁଝି ବି ନବୁଝିବା ଆଖିରେ ଶାଶୁଙ୍କୁ ଚାହିଁ ଭାବୁଥିଲା ମାଛ ଖାଇବାକୁ ଡାକ୍ତର ମାଆଙ୍କୁ ପରାମର୍ଶ ଦେଲା ବେଳେ ମାଆଙ୍କର ମାଛମାନଙ୍କ ସମ୍ବେଦନଶୀଳତା ହୁଏତ ଅତୀତରେ କିଛି ଘଟଣା ଘଟିଛି ଯାହାଦ୍ୱାରା ମାଆ ମାଛ ଖାଇବାକୁ ରାଜି ନୁହଁ । ଏଣିକି ଗାଁ ଘରେ ପୋଖରୀ ଗାଧୁଆ ବନ୍ଦ ମାଆଙ୍କର, ନଈତୁଠରେ ବସି ଭାବନା ରାଇଜରେ ବୁଡିଯିବାରେ କଟକଣା ସ୍ନିଗ୍ଧାଙ୍କର, କାରଣ ଛୋଟ ବଡ଼ ମାଛଙ୍କ ସନ୍ତରଣ ଦୃଶ୍ୟ ଭିତରେ ହୁଏତ ଲୁଚିଛି ମାଆଙ୍କର ଏଇ ମାଛ ନଖାଇବାର କାରଣ ବୋଲି ମନେହୁଏ ସ୍ନିଗ୍ଧାଙ୍କୁ । କେମିତି ମନେଇ ମାଆଙ୍କୁ ମାଛ ଖୁଆଇବାକୁ ପଡିବ ବୋଲି ଚିନ୍ତିତ ରହୁଥିଲେ ସ୍ନିଗ୍ଧା । ହେମୋଗ୍ଲୋବିନ ପୁରା କମ, କେତେଥର ଝୁଙ୍କି ପଡିଲେଣି ମାଆ ଘରେ ଏ ଭିତରେ ।

ଲେଖାଲେଖି କରୁଥିବାରୁ କେ କେ କବି ସମ୍ମିଳନୀ ବା ସାହିତ୍ୟ ଆସରକୁ ଯିବାକୁ ହୁଏ ସ୍ନିଗ୍ଧାଙ୍କୁ ତ ସେଦିନ ଅଟୋରେ ଫେରିବାବେଳେ ସ୍କୁଲ ଫେରନ୍ତା ଛାତ୍ରୀମାନଙ୍କୁ ଦେଖି ବାନ୍ଧବୀ ଜଣେ କହୁଥାନ୍ତି ଆଜିକାଲି ବାଟ, ଘାଟ,ହାଟର ପରିବର୍ତ୍ତନ ଯୋଗୁଁ କେତେ ସୁବିଧା! ଆମ ପିଲାବେଳେ ଏସବୁ ସୁବିଧା କୋଉଠି ଥିଲା!କେତେ କଷ୍ଟରେ ଆମେ ପାଠ ପଢ଼ିବାକୁ ଯାଇ ଆସି କଷ୍ଟ କରି ପାଠ ପଢ଼ୁଥିଲୁ ଏ ଗାଁ ଗଣ୍ଡାରେ । ସହରରେ ବଢିଥିବା ସ୍ନିଗ୍ଧା ଏସବୁ ଅସୁବିଧାର ସମ୍ମୁଖୀନ ହୋଇନଥିଲେ ତ ସ୍ୱାମୀଙ୍କୁ ପଚାରିଥିଲେ କି କି ଅସୁବିଧା ଥିଲା ସେତେବେଳେ ଗାଁ ମାନଙ୍କରେ!

ସୌମ୍ୟଙ୍କ ଆଖି ଆଗରେ ଭାସି ଉଠିଲା ନିଜ ପିଲାଦିନକଥା  । ବାପା ଥିଲେ ଶିକ୍ଷକ । ଅଳ୍ପ ଦରମାରେ ଜେଜେ ଜେଜେମା ତଥା ଦୁଇପିଇସୀ ଓ ମାଆ ସହ ସେ ଦୁଇ ଭାଇ ଭଉଣୀଙ୍କୁ ଚଳେଇବା ଭିତରେ ବାପା ଖୁବ କଷ୍ଟ କରୁଥିଲେ । ବାରି ବାଇଗଣ ଚକଟା ଲଗେଇ ଭାତ ଖାଇବା ଯେମିତି ଅଭ୍ୟାସ କରି ନେଇଥିଲେ ସେ  । ସେଦିନ ଜେଜେ ମାଛଟିକେ ଖାଇବାକୁ ମନ କରିବାରୁ ବାପା ମାଛ ଆଣିଥିଲେ ଓ ବୋଉ ସବୁଥର ପରି ଖୁବ ସୁଆଦିଆ ରାନ୍ଧିବା ଆରମ୍ଭ କରିଦେଇଥିଲା ଭିତରେ ବାପା କହିଲେ ଦେହଟା ଟିକେ ଭଲ ଲାଗୁନି ।ସଂସାରର ଦୁଃଖ କଷ୍ଟ କିଛି ବୁଝିବା ବୟସ ପୂର୍ବରୁ ଆମେ ଦୁଇଭାଇଭଉଣୀ ଜାଣିଥିଲୁ ବାପାଙ୍କ ଦେହ ଖରାପ ହେଲେ ଆମେ  ଭାଇ ଭଉଣୀ ବାପାଙ୍କ ଉପରେ ଚଢି ଅଣ୍ଟାରୁ ପାଦ ଯାଏଁ ଘଷି ଦେଲେ ବାପା ଉଠି ବସିବେ  । ଏଥର ମଧ୍ୟ ସେମିତି କରୁଥିଲୁ ହେଲେ ସବୁଥର ପରି ବାପା ଆମକୁ ଶହେରୁ ମୋର କେତେ ବା ମୋ ଭଉଣୀର କେତେ ନକହି ପଡି ରହିଥାଆନ୍ତି । ଜେଜେ ଓ ଜେଜେମାଆଙ୍କୁ ଖାଇବାକୁ ଦେଇସାରି ମାଆ ବାପାଙ୍କୁ ଡାକୁଥିଲା ଆଉ ସେ ଉଠୁନଥିଲେ । ମାଆ କହୁଥିଲା ଦୁଇ ଭଉଣୀଙ୍କ ବାହାଘର ପାଇଁ ହୋଇଥିବା କରଜ ଶୁଝିବାକୁ ଜମା ଡର ନାହିଁ । ମୋ ଭାଇଙ୍କୁ କହିଛି ଏ ସନ ଧାନ ବିକି ଆମକୁ ପଇସା ଦେଲେ ଆମେ ଆଗ କରଜ କରଜ ଶୁଝି ଦେବା । ପରେ ଆସ୍ତେ ସୁସ୍ଥେ ତାଙ୍କୁ ଟଙ୍କା ଦେଇଦେବା କହି ଯେତେ ବାପାଙ୍କୁ ଡାକିଲେ ବି ସେ ଉଠୁନଥିଲେ । ହଲେଇ ଦେଇ ଛାତିରେ ହାତ ରଖି ମାଆ କଣ ବାରିଲା କେଜାଣି ଭୋ ଭୋ କାନ୍ଦି ମୋ ସଂସାର ଭାସିଗଲା କହୁଥିଲା । ରାସ୍ତା ଘାଟ ଭଲ ନଥିବାରୁ ହସ୍ପିଟାଲ ନେଇ ହେଲାନି ବାପାଙ୍କୁ । ସ୍କୁଲ ହେଡ଼ମାଷ୍ଟରଙ୍କ ପୁଅ ସହରରେ ଡାକ୍ତରୀ ପଢୁଥିଆନ୍ତି । ଛୁଟିରେ ଗାଁରେ ଥିବାରୁ ସେ ଭାଇନା ବାପାଙ୍କୁ ଦେଖି କହିଲେ ପ୍ରଥମ ଷ୍ଟ୍ରୋକରେ ହାର୍ଟ ଆର୍ଟାକରେ ମଉସା ଆଉ ନାହାଁନ୍ତି  । ସେହି ଚିନ୍ତାରେ ଜେଜେ ଓ ଜେଜେମା ଆଗ ପଛ ହୋଇ ଗଲେ । ଆଉ ମାମୁଁଘର ସହାୟତାରେ ଭଉଣୀ ବେବିନାର ପଢ଼ା ବାହାଘର ଇତ୍ୟାଦି ହେବା ସହ ମୁଁ ମଧ୍ୟ ଆଜି ଡାକ୍ତର । ହେଲେ ମାଆ  । । କହି ଅଟକି ଯାଉଥିବା ସୌମ୍ୟଙ୍କ କଥା ସମ୍ପୂର୍ଣ୍ଣ କରି ସ୍ନିଗ୍ଧା କହିଲେ ସବୁଦିନ ପାଇଁ ମାଛ ଛାଡିଲେ । ଆଁ କରି ଅନେଇ ଥିଲେ ସୌମ୍ୟ ସ୍ନିଗ୍ଧାଙ୍କ ମୁହଁକୁ ।

ସେଦିନ ହଠାତ ସ୍ନିଗ୍ଧା କହିଲେ ତୁମେ ଡାକ୍ତର ପୁଅ ହୋଇ ମାଆଙ୍କୁ ମାଛ ଖୁଆଇବାକୁ କେତେ ଚେଷ୍ଟା କରିଛ ଶୁଣେ ସୌମ୍ୟ ସିନା ଚୁପ ରହିଲେ ହେଲେ ସ୍ନିଗ୍ଧା କିଛି ପରାମର୍ଶ କଲେ କୁଳ ପୁରୋହିତଙ୍କ ସହିତ ଗୁପ୍ତରେ ତ ସେ ଶଶୁରବାପାଙ୍କ ଶ୍ରାଦ୍ଧ ପୂର୍ବରୁ ଘରେ ପହଁଞ୍ଚି ମାଆଙ୍କ ଆଗେ କିଛି କହିଲେ । ଭିତରେ ଭିତରେ ସ୍ନିଗ୍ଧା ଖୁସି ଥିଲେ ତ ଶ୍ରାଦ୍ଧ ସରି, ପଞ୍ଚପତ୍ରରେ ଆମିଷ ବଢ଼ା ଯାଇଥିବା ଗୋଟେ ପତ୍ର ଭିଡ଼ିଆଁଣି ମାଆ ବସିବା ଦେଖି ସୌମ୍ୟ ବିସ୍ମିତ ହୋଇ ସ୍ନିଗ୍ଧାଙ୍କୁ ଚାହୁଁଥିବା ଦେଖି ପରେ ସ୍ନିଗ୍ଧା କହିଥିଲେ କୁଳ ପୁରୋହିତ କହିଗଲେ କି ଘରେ ଲାଗୁଥିବା ଆମିଷ ପଞ୍ଚପତ୍ରରେ ଯଦି ବର୍ତ୍ତମାନର ମୁରବୀ ବସି ମାଛ ନଖାଆନ୍ତି ତେଁବେ ପୁତ୍ର ଉପରେ ଶନି ଓ ମଙ୍ଗଳଙ୍କ ଅଶୁଭ ଦୃଷ୍ଟି ରହିବ । ହେଲେ ତୁମେ ଏତେ କଥା କେମିତି ଜାଣିଲ!ମାଆ ମତେ ତ ଏ ବିଷୟରେ କିଛି କହିନି । ମତେ କହିଛନ୍ତି ନା କହି ଚୁପି ଚୁପି ହସୁଥିଲେ ସ୍ନିଗ୍ଧା ।ଗଳ୍ପ ଟି କହସାରି ନେତି ଖୁଡି ମିନତି ଙ୍କୁ ଅନୁରୋଧ କରି କହିଥିଲେ ଯେ ଗୁରୁଜନମାନଙ୍କ କଥା ଧରିବୁନି । ମାଆ ଗାଳି ହେଲା ଆଶୀର୍ବାଦ ଭଳି । ତୁମ ନିଜ ଜନ୍ମ କଲା ମାଆ କହିଲେ ଯଦି ବାଧୁନି ତେବେ ଶାଶୁଙ୍କ କଥା ଧରିବା ଉଚିତ ନୁହଁ । ଆମେ ପୁରୁଣାକାଳିଆ ମଣିଷ କହି ଗଳ୍ପଟିଏ ଉଭୟ ଶାଶୁ ବୋହୁଙ୍କୁ କହିଥିଲେ ।ସେଦିନ ଖାଲି ମିନତି ବୁଝିଯାଇଥିଲେ ନୁହଁ ବରଂ ଶାଶୁ ଙ୍କ ବ୍ୟବହାର ରେ ଢେର ପରିବର୍ତ୍ତନ ଆସିଥିଲା । ଆଜି ନିଜ ବାପା ବୋଉ, ଶାଶୁ ଶଶୁର ସମୟ ଚକ୍ରରେ ଆରପାରିରେ ସତ କିନ୍ତୁ ନେତି ଖୁଡିଙ୍କ ପରି ହାତଗଣତି କେତେ ଜଣ ଅଛନ୍ତି!ଯିଏ ପର ହୋଇ ଭାରି ଆପଣାର । ରକ୍ତର ନହୋଇ ମଧ୍ୟ ଭିଡି ଧରନ୍ତି ସମ୍ପର୍କ ଡୋର । ଏଇ ନେତି ଖୁଡିଙ୍କ ଭଳି ଲୋକସବୁ ଗାଁରେ ସେହି ପୁରୁଣକାଳିଆ ଲୋକ ହୋଇ ପୁରୁଣା ସଂସ୍କୃତି, ସଂହତି, ପରମ୍ପରା ଜାବୁଡି ଧରିଛନ୍ତି ବୋଲି ତ ଛୁଟିରେ ମସ୍ତି କରିବାକୁ ଗାଁକୁ ସେ ଦୌଡ଼ି ଆସିଛନ୍ତି ସୁଦୂର ସହରରୁ ।

ଭାବୁ ଭାବୁ ଦୁଇ ପୁଅ ଚିକୁ ଓ ମିକୁ ଙ୍କୁ ଗାଧୁଆ ପାଧୁଆ କରି ପୁଣି ପିନ୍ଧେଇ ଖୁଆଇ ପିଆଇ ଓ ମୁଣ୍ଡରେ ଚାନ୍ଦଲା ଟିପା ଦେଇ ନେ ଲୋ ଝିଅ ତୋ ପିଲାଙ୍କୁ ଶୁଆଇ ପକା ଘଡିଏ କହି କେତେ ଭଲ ଭଲ ଖାଇବା ଦରବ ଦେଇଗଲେ ମିନତିଙ୍କୁ । ବସନ୍ତୁ ଘଡିଏ ଖୁଡି କହି ବସେଇ ଦେବା ରୁ ଖୁଡି କହୁଥିଲେ କେମିତି ସହରରେ ଚଳୁଛୁ ଲୋ ଝିଅ !କିଛି ଦିନ ତୋ ଦାଦାଙ୍କର ମୋର ଯାଇଥିଲୁ ବଡ଼ ସହର ବୋଲାଉଥିବା ଦିଲ୍ଲୀ କୁ ପୁଅ ବୋହୁଙ୍କ ପାଖକୁ ତ ସାହି ପଡୋଶୀ କେହି ନାହିଁ । ଯିଏ ଅଛନ୍ତି ନିଜ ଭାଷଭାଷି ନୁହଁନ୍ତି । ତୁଳସୀ ଗଛଟିଏ କୋଉଠି ପାଇଲିନି । କାର୍ତ୍ତିକ ପୂର୍ଣ୍ଣମୀ ରେ ଡ଼ଙ୍ଗା ଭସେଇବାକୁ ନା ଅଛି କଦଳୀ ପଟ ନା ଅଛି ନଈ ପୋଖରୀ କି ହ୍ରଦ ପରି ଘାଟ । ନାତିଟାକୁ ପୋଡହ୍ନା କରିବାକୁ ହଳଦୀ ପତ୍ର ଦିଖଣ୍ଡ ପାଇଲିନି ଏଣ୍ଡୁରି ଦୁଇଟା କରିବାକୁ । ନାତି ଟୋକା ମୁନା ମୋର ସେ ସହରରେ ରହି ପାଠ ପଢିଲେ କୋଉ ଓଡ଼ିଆ ରୀତି ନୀତି କି ସଂସ୍କୃତି ଶିଖିବ!ସେଇଥିପାଇଁ ପୁଅ ବୋହୁଙ୍କୁ କେତେ ବୁଝେଇ କହି ନାତି ଟୋକାକୁ ଧରି ଗାଁକୁ ଚାଲି ଆସିଲୁ । ଏଠି ଗାଁ ହରଚଣ୍ଡୀ ମନ୍ଦିର ରେ ସକାଳ ଧୂପ ଉଠିବା ପୂର୍ବରୁ କାଉ ଡାକରେ ଆମ ସହ ତା ନିଦ ଭାଙ୍ଗେ । ଗାଇ ବଉଳା କୁ ସ୍ନେହ ଆଦର କରେ । ଓଡ଼ିଆ ସ୍କୁଲରେ ଏକାଠି ମିଶି ଜାତୀୟ ଦିବସ ପାଳେ । ତୁମେ ମାନେ ଆସିଥିବାରୁ ତୁମ ଦୁଇପୁଅ ଚିକୁ ଓ ମିକୁ ସହ ଖେଳି କେତେ ଖୁସି ହେଉଥିଲା । ଛୁଟି ସରିଗଲେ ତୁମେ କଲିକତା ଚାଲିଗଲେ ପିଲାଟା ମୋର ବହୁତ ଝୁରିବ । ହଉ ଯାହା ଧି ର ବିଧାନ । । କେ କରିବ ଆନ କହି ଉଠୁ ଉଠୁ ଖୁଡି ଖୁଡିଙ୍କ ଚାଲିଯାଉଥିବା ବାଟ କୁ ଅନେଇ ରହିଥାଆନ୍ତି ମିନତି । ସେଦିନ ରାତିରେ ମିନତି ଅଶୋକ ଙ୍କୁ କଅଁଳେଇ କହୁଥିଲେ ମୁଁ ଏଠି ଚିକୁ ମିକୁ ଙ୍କୁ ଧରି ଗାଁରେ ରହିଗଲେ ହୁଅନ୍ତାନି!ପିଲା ଦୁହେଁ ଓଡ଼ିଆ ଦି ଅକ୍ଷର ପଢନ୍ତେ ବଢ଼ନ୍ତେ । ଓଡିଶା ର ସଂକୃତି, ଚାଲିଚଳନ, ପର୍ବ ପର୍ବାଣୀ ଚିହ୍ନନ୍ତେ ତଥା ଓଡିଶା ମାଟି ମାଆ କୋଳେ ଜନ୍ମିତ ବରପୁତ୍ର ମାନଙ୍କୁ ଜାଣନ୍ତେ ଓ ବିଦେଶ ମାଟିରେ ଜଗନ୍ନାଥ ଦେଶ କହୁଥିବା ଓଡିଶାର କଳା ସ୍ଥାପତ୍ୟ ଓ ଐତିହ୍ୟ ବିଷୟରେ ଜାଣିପାରନ୍ତେ । ଅଶୋକ ସ୍ତ୍ରୀ ମୁହଁ କୁ ଚାହିଁଥିଲେ ଆତ୍ମତୃପ୍ତି ରେ ସେଦିନ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଯିବାକୁ ପଡ଼ିବ ନାହିଁ ପାର୍ସଲ୍ ଅଫିସ୍, ଟିକଟି କରିବା ସମୟରେ ବୁକିଂ ହେବ ଲଗେଜ୍



ନୂଆଦିଲ୍ଲୀ: ଭାରତୀୟ ରେଳ ପକ୍ଷରୁ ଅନଲାଇନ୍ ଲଗେଜ୍ ବୁକିଂ ସୁବିଧା ଆରମ୍ଭ କରାଯାଇଛି। ପୂର୍ବରୁ ଅଧିକ ଲଗେଜ୍ ନେଇ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ପାର୍ସଲ୍ ଅଫିସ୍ ଯାଇ ସେଠାରେ ଧାଡ଼ିରେ ଘଣ୍ଟା ଘଣ୍ଟା ଠିଆ ହୋଇ ଲଗେଜ୍ ଗୁଡ଼ିକୁ ବୁକିଂ କରିବାକୁ ପଡ଼ୁଥିଲା। କିନ୍ତୁ ଆଗାମୀ ଦିନରେ ଯାତ୍ରୀମାନେ ଟିକଟ ବୁକିଂ ସମୟରେ ନିଜ ଲଗେଜ୍ ବୁକିଂ କରିପାରିବେ। ଆଜିଠାରୁ ଆରମ୍ଭ ହୋଇଥିବା ନୂଆ ବ୍ୟବସ୍ଥାରେ ଯୋଗ୍ୟ ଯାତ୍ରୀମାନେ ନିଜ ଟିକଟ ଓ ଅତିରିକ୍ତ ଲଗେଜ୍ ବୁକିଂ ଏକ ସମୟରେ କରିପାରିବେ। ତେବେ ଏଥିରେ ବିଭିନ୍ନ ଶ୍ରେଣୀର ଯାତ୍ରା ପାଇଁ ଭିନ୍ନ ଭିନ୍ନ ଯୋଗ୍ୟତା ମାପଦଣ୍ଡ ରହିଛି। ଅତିରିକ୍ତ ଲଗେଜ୍ ବୁକିଂ ସୁବିଧା କେବଳ ଟିକଟ କନ୍ଫର୍ମ ହୋଇଥିବା ଯାତ୍ରୀମାନଙ୍କୁ ମିଳିବ। କେବଳ ଯେଉଁ କ୍ଷେତ୍ରରେ ଅନୁମୋଦିତ ସୀମାଠାରୁ ଅଧିକ ଲଗେଜ୍ ନେବାର ଅନୁମତି ଥିବ କେବଳ ସେହି ମାମଲାଗୁଡ଼ିକରେ ଅତିରିକ୍ତ ଲଗେଜ୍ ବୁକିଂ କରାଯାଇପାରିବ। ଏସି ପ୍ରଥମ ଶ୍ରେଣୀ, ଏସି-୨ ଟାୟାର, ପ୍ରଥମ ଶ୍ରେଣୀ, ଶୟନ ଶ୍ରେଣୀର ଯାତ୍ରୀମାନଙ୍କୁ ଏହି ସୁବିଧା ମିଳିବ। ଏସି ୩-ଟାୟାର ଓ ଚେୟାର କାରରେ ଯାତ୍ରା କଲେ ଯାତ୍ରୀଙ୍କୁ ଏହି ସୁବିଧା ମିଳିବ ନାହିଁ। ଏସି ପ୍ରଥମ ଶ୍ରେଣୀ ପାଇଁ ୭୦ କେଜି ପର୍ଯ୍ୟନ୍ତ ଲଗେଜ୍ ନେବା ମାଗଣା ରହିଛି।

ଅନ୍ୟ ଶ୍ରେଣୀଗୁଡ଼ିକର ଯାତ୍ରୀଙ୍କ ପାଇଁ ୩୫ କେଜିରୁ ୫୦ କେଜି ପର୍ଯ୍ୟନ୍ତ ଲଗେଜ୍ ନେବା ମାଗଣା ରହିଛି। ପ୍ରତ୍ୟେକ ଶ୍ରେଣୀର ସର୍ବାଧିକ ଲଗେଜ୍ ସୀମା ରହିଛି ଯାହା ୭୦ କେଜିରୁ ଆରମ୍ଭ କରି ୧୫୦ କେଜି ପର୍ଯ୍ୟନ୍ତ ରହିଛି। ମାଗଣା ସୀମାଠାରୁ ଅଧିକ ଲଗେଜ୍ ନେବାକୁ ହେଲେ ସେହି ଅତିରିକ୍ତ ଲଗେଜ୍‌ର ବୁକିଂ କରାଯାଇପାରିବ। ତେବେ ସମସ୍ତ ଲଗେଜ୍ ପରିମାଣ ସର୍ବାଧିକ ସୀମା ମଧ୍ୟରେ ରହିବା ଦରକାର। ସେହିପରି ଯାତ୍ରୀମାନେ କେଉଁ ଆକାରର ଲଗେଜ୍ ନେଇପାରିବେ ତାହାର ମଧ୍ୟ ନିୟମ ରହିଛି।

# ବେଦାନ୍ତ ଆଲୁମିନିୟମ୍ ଲାଭରେ ୨୦୫% ବୃଦ୍ଧି

ମୁମ୍ବାଇ: ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍‌ର ଲାଭ ବାର୍ଷିକ ଆଧାରରେ ୨୦୫ ପ୍ରତିଶତ ବୃଦ୍ଧି ପାଇ ୬୫୯୭ କୋଟି ଟଙ୍କା ହୋଇଛି। ରାଜସ୍ୱ ପରିମାଣ ୪୫ ପ୍ରତିଶତ ବଢ଼ି ୨୧,୧୦୫ କୋଟି ଟଙ୍କାରେ ପହଞ୍ଚିଛି ଓ ଏବିଟ୍‌ଡା ୧୩୪ ପ୍ରତିଶତ ବୃଦ୍ଧି ସହ ୧୦,୪୯୯ କୋଟି ଟଙ୍କା ହୋଇଛି। କ୍ରିସିଲ ଓ ଇକ୍ରାଠାରୁ କମ୍ପାନି ଏଏ(ଷ୍ଟେବଲ୍) ରେଟିଂ ହାସଲ କରିଛି। ଏହି ସମୟରେ କମ୍ପାନିର ଆଲୁମିନିୟମ ଉତ୍ପାଦନ ୫ ପ୍ରତିଶତ ବୃଦ୍ଧି ପାଇ ୬୩୨ କେଟି ହୋଇଛି ଓ ମୂଲ୍ୟଯୁକ୍ତ ଉତ୍ପାଦ ଉତ୍ପାଦନ ୧୪ ପ୍ରତିଶତ ବଢ଼ି ୩୮୯ କେଟିରେ ପହଞ୍ଚିଛି। ଆଲୁମିନା ଉତ୍ପାଦନ ୪୧ ପ୍ରତିଶତ ବୃଦ୍ଧି ପାଇ ୮୨୬ କେଟି ହୋଇଛି। ଏହି ଅବସରରେ କମ୍ପାନିର ସିଇଓ ରାଜେଶ କୁମାର କହିଛନ୍ତି ଯେ ଏହି ତ୍ରୈମାସିକରେ ଦୃଢ଼ ପରିଚାଳନା ଓ ଆର୍ଥିକ ପ୍ରଦର୍ଶନ ଜରିଆରେ ଆମେ ଆମର ନୂଆ ଓ ସ୍ୱାଧୀନ ଯାତ୍ରା ଆରମ୍ଭ କରିଛୁ। ଏକ ଦ୍ରୁତ ପରିବର୍ତ୍ତିତ ପରିବେଶରେ ଆମ ପ୍ରତିଯୋଗିତା ସ୍ଥିତି ବଢ଼ାଇବା ଓ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବାକୁ ଆମେ ସମ୍ବଳ ସୁରକ୍ଷା, ପରିଚାଳନା ସମନ୍ୱୟ ଓ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଧ୍ୟାନ ଦେବୁ। କମ୍ପାନିର ସିଏଫ୍‌ଓ ଅନୁପ ଅଗ୍ରୱାଲ କହିଛନ୍ତି ଯେ ଏକ ସ୍ୱାଧୀନ କମ୍ପାନି ଭାବେ ଆମ ପ୍ରଥମ ତ୍ରୈମାସିକରେ ଆମେ ୨୧୦୧୫ କୋଟି ଟଙ୍କାର ରାଜସ୍ୱ ଓ ୧୦,୪୯୯ କୋଟି ଟଙ୍କାର ଏବିଟ୍‌ଡା ଓ ୬୫୯୭ କୋଟି ଟଙ୍କାର ଲାଭ କରିଛୁ।

## ୨୦୧୭ରୁ ୨୦୨୬ ମଧ୍ୟରେ ପାରମ୍ପରିକ ଦୃଢ଼ ବଜାର ଠାରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରେ ଋଣ ଅଭିବୃଦ୍ଧି ଅଧିକ

**ଭୁବନେଶ୍ୱର, ୩୧।୧(ଆନିସ):** ବିଗତ ନଅ ବର୍ଷର ଭାରତରେ ସଂଗଠିତ ଋଣ କ୍ଷେତ୍ରରେ ବ୍ୟାପକ ବୃଦ୍ଧି ହୋଇଥିବା ଟ୍ରାନ୍ସୟୁନିୟନ ସିବିଲର ନୂଆ ରିପୋର୍ଟ ଅନଲକିଂ ଆକସେସ: ଜର୍ଣ୍ଣି ଅଫ କ୍ରେଡିଟ ଏକ୍ସପାନସନ ଇନ ଇଣ୍ଡିଆରୁ ଜଣାପଡ଼ିଛି। ଏହି ରିପୋର୍ଟରେ ୨୦୧୭ ମାର୍ଚ୍ଚରୁ ୨୦୨୬ ମାର୍ଚ୍ଚ ପର୍ଯ୍ୟନ୍ତର ତଥ୍ୟ ପ୍ରଦାନ କରାଯାଇଛି ୨୦୧୭ରେ ଭାରତର ଋଣ ଯୋଗ୍ୟ ଜନସଂଖ୍ୟା ୭୯ କୋଟି ଥିଲା ଯାହା ୨୦୨୬ରେ ୮୯ କୋଟିରେ ପହଂଚିଛି। ଏହି ଲୋକଙ୍କ ମଧ୍ୟରୁ ଅତିକମରେ ଥରେ ଖୁଚୁରା ଋଣ ନେଇଥିବା ଗ୍ରାହକଙ୍କ ପରିମାଣ ୨୦୧୭ ମାର୍ଚ୍ଚର ୩୫ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୬ରେ ୭୪ ପ୍ରତିଶତରେ ପହଞ୍ଚିଛି। ସେହିପରି କ୍ରେଡିଟ ସକ୍ରିୟ ଥିବା ଗ୍ରାହକଙ୍କ ହାର ସେହି ନଅ ବର୍ଷ ମଧ୍ୟରେ ୧୧ ପ୍ରତିଶତରୁ ବଢ଼ି ୨୮ ପ୍ରତିଶତ ହୋଇଛି ୨୦୧୭ରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ଋଣ ସକ୍ରିୟ ଗ୍ରାହକ ପରିମାଣ ୧୪ ପ୍ରତିଶତରୁ ୨୦୨୪-୨୬ ମାର୍ଚ୍ଚ ମଧ୍ୟରେ ୯ ପ୍ରତିଶତକୁ ଖସିଆସିଛି । ସେହିପରି ଋଣ ପାଇଁ ସମ୍ପୂର୍ଣ୍ଣ ନୂଆ ଗ୍ରାହକଙ୍କ ହାର ୩୨ ପ୍ରତିଶତରୁ ୧୩ ପ୍ରତିଶତକୁ ହ୍ରାସ ପାଇଛି।ଏହି ଅବସରରେ ଟ୍ରାନ୍ସୟୁନିୟନ ସିବିଲର ଏମଡି ଓ ସିଇଓ ଭବେଶ ଜୈନ କହିଛନ୍ତି ଯେ, ଗତ ଦଶନ୍ଧି ଭାରତର ଋଣ ବ୍ୟବସ୍ଥା ପାଇଁ ଏକ ନିର୍ଣ୍ଣାୟକ ସମୟ ଥିଲା। ୨୦୧୬-୧୭ରେ ବିମୁଦ୍ରୀକରଣ, ଜିଏସଟିର ଶୁଭାରମ୍ଭ ଓ ୟୁନିଫାଏଡ ପେମେଂଟ ଇଂଟରଫେସ (ୟୁପିଆଇ)ର ବ୍ୟାପକ ଗ୍ରହଣୀୟତା ଭଳି ଐତିହାସିକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା ଗତ ଦଶନ୍ଧିରେ ନିୟାମକ, ବ୍ୟାଙ୍କ ଓ ଋଣ ପ୍ରଦାନକାରୀ, ଏନବିଏଫସି, ଫିନଟେକ, ଋଣ ସୂଚନା କମ୍ପାନି, ପ୍ରଯୁକ୍ତିରେ ଉନ୍ନତି ଓ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ମିଳିତ ଭାବେ ଋଣର ପଥ ପ୍ରଶସ୍ତ କରିଥିଲେ କୋଭିଡ-୧୯ ମହାମାରୀ ପାଇଁ ଡିଜିଟାଲ ଟୁଲର ଗ୍ରହଣୀୟତା ବଢ଼ିଥିଲା। ମିଳିତ ଭାବେ ଏହି ସବୁ ଘଟଣା ଋଣ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା ଓ ଋଣ ପ୍ରଦାନକାରୀମାନଙ୍କୁ ଅଧିକ ସୂଚନା ଆଧାରିତ ଓ ଠିକ ସମୟରେ ଋଣ ନିଷ୍ପତି ନେବାରେ ସକ୍ଷମ କରିଥିଲା ବୋଲି ବିଶ୍ୱାସ କରାଯାଉଛି।

ଏହି ନଅ ବର୍ଷ ମଧ୍ୟରେ ମହିଳା ଋଣ ଗ୍ରହୀତାଙ୍କ ହାର ୨୨ ପ୍ରତିଶତରୁ ୩୦ ପ୍ରତିଶତକୁ ବୃଦ୍ଧି ପାଇଥିଲା ଯୁବ ଗ୍ରାହକଙ୍କ ହାର ୩୩ ପ୍ରତିଶତରୁ ୩୯ ପ୍ରତିଶତକୁ ଏବଂ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳ ଗ୍ରାହକଙ୍କ ହାର ୫୩ ପ୍ରତିଶତରୁ ୬୩ ପ୍ରତିଶତକୁ ବୃଦ୍ଧି ପାଇଥିଲା ଏହି ଅଞ୍ଚଳର ଯୁବ ଗ୍ରାହକଙ୍କ ହାର ୪୭ ପ୍ରତିଶତରୁ ୬୧ ପ୍ରତିଶତକୁ ଏବଂ ପାଞ୍ଚ ବର୍ଷର ଋଣ ଅଭିଜ୍ଞତା ଥିବା ମହିଳାଙ୍କ ହାର ୨୯ ପ୍ରତିଶତରୁ ବଢ଼ି ୪୩ ପ୍ରତିଶତ ହୋଇଥିଲା ନିଜର ଋଣ ସ୍ଥିତି ଯାଞ୍ଚ କରୁଥିବା ଗ୍ରାହକଙ୍କ ହାର ୨୦୨୬ ସୁଦ୍ଧା ୩୫ ପ୍ରତିଶତକୁ ବୃଦ୍ଧି ପାଇଛି ।

ମହାରାଷ୍ଟ୍ର ଓ ତାମିଲନାଡୁ ଭଳି ଋଣରେ ଆଗରେ ଥିବା ରାଜ୍ୟଗୁଡ଼ିକରେ ଋଣ ହାସଲ ହାର ଯଥାକ୍ରମେ ୧୦ ପ୍ରତିଶତ ଓ ୯ ପ୍ରତିଶତକୁ ହ୍ରାସ ପାଇଛି ସେହି ସମୟରେ ଉତ୍ତରପ୍ରଦେଶର ଅବଦାନ ୮ ପ୍ରତିଶତରୁ ବୃଦ୍ଧି ପାଇ ୧୧ ପ୍ରତିଶତ, ମଧ୍ୟପ୍ରଦେଶର ୪ ପ୍ରତିଶତରୁ ବଢ଼ି ୬ ପ୍ରତିଶତ ବିହାରର ୩ ପ୍ରତିଶତରୁ ବଢ଼ି ୫ ପ୍ରତିଶତ ଓ ପଶ୍ଚିମବଙ୍ଗର ୪ ପ୍ରତିଶତରୁ ବଢ଼ି ୫ ପ୍ରତିଶତ ହୋଇଛି ଏ ସମ୍ପର୍କରେ ଶ୍ରୀ ଜୈନ କହିଛନ୍ତି ଯେ ଜନସଂଖ୍ୟାରେ ବିବିଧତା ଓ ଋଣ ସଚେତନତାରେ ବୃଦ୍ଧି ଭଳି ଦୁଇଟି ବିଷୟ ପାଇଁ ଭାରତରେ ଋଣ ଅଭିବୃଦ୍ଧି ଦୃଢ଼ ହୋଇପାରିଛି ।

## ନାମଦେବ ଫିନଭେଷ୍ଟ ପକ୍ଷରୁ ଭୁବନେଶ୍ୱରରେ ନୂତନ ଆଞ୍ଚଳିକ କାର୍ଯ୍ୟାଳୟ ଆରମ୍ଭ ପୂର୍ବ ଭାରତରେ ନିଜର ଉପସ୍ଥିତି ବିସ୍ତାର

**ଭୁବନେଶ୍ୱର, ୩୧।୧(ଆନିସ):** ଆଇସିଆରଏ ଏ-(ଷ୍ଟେବୁଲ୍) ରେଟିଂପ୍ରାପ୍ତ ଅଣ-ବ୍ୟାଙ୍କିଂ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ନାମଦେବ ଫିନଭେଷ୍ଟ ଲିମିଟେଡ୍ ଯାହା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଆର୍ଥିକ ସମାବେଶୀକରଣକୁ ଆଗକୁ ନେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି, ଓଡ଼ିଶାର ଭୁବନେଶ୍ୱରରେ ନିଜର ନୂତନ ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ ଘୋଷଣା କରିଛି। ଏହି ସମ୍ପ୍ରସାରଣ କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଯାହା ସାରା ଭାରତରେ ନିଜର ଉପସ୍ଥିତିକୁ ସୁଦୃଢ଼ କରିବା ସହ ଅର୍ଥକ ସେବାରୁ ବଞ୍ଚିତ ବ୍ୟକ୍ତିବିଶେଷ, ଉଦ୍ୟୋଗୀ ଏବଂ ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକ ନିକଟରେ ବିଶ୍ୱସନୀୟ ଆର୍ଥିକ ସମାଧାନ ପହଞ୍ଚାଇବା ଜାରି ରଖିଛି। ଏହି ସମ୍ପ୍ରସାରଣ ସହିତ, ଓଡ଼ିଶା କମ୍ପାନୀର କାର୍ଯ୍ୟକ୍ଷମତାର ୧୦ମ ରାଜ୍ୟ ପାଲଟିଛି, ଯାହା ଏକ ବିବିଧ ସର୍ବଭାରତୀୟ ନେଟୱାର୍କ ଗଠନର ରଣନୀତିକୁ ଆହୁରି ମଜବୁତ କରୁଛି। ଏହି ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ନାମଦେବ ଫିନଭେଷ୍ଟର କାର୍ଯ୍ୟ ପରିଚାଳନା ପାଇଁ ଏକ ମୁଖ୍ୟକେନ୍ଦ୍ର ଭାବରେ କାର୍ଯ୍ୟ କରିବ ଏହା ନିଜର ପହଞ୍ଚ ବୃଦ୍ଧି କରିବା, ଗ୍ରାହକ ଯୋଗାଯୋଗ ସୁଦୃଢ଼ କରିବା ଏବଂ ସ୍ଥାନୀୟ ସମୁଦାୟ ଓ ବ୍ୟବସାୟଗୁଡ଼ିକର ଆବଶ୍ୟକତା ଅନୁଯାୟୀ ସଠିକ୍ ସମୟରେ ସମ୍ପର୍କ-ଭିତ୍ତିକ ଆର୍ଥିକ ସମାଧାନ ପ୍ରଦାନ କରିବାରେ କମ୍ପାନୀର ପ୍ରଚେଷ୍ଟାକୁ ସାହାଯ୍ୟ କରିବ । ଏହି କାର୍ଯ୍ୟାଳୟ ନାମଦେବ ଫିନଭେଷ୍ଟର ସମ୍ପୂର୍ଣ୍ଣ ଆର୍ଥିକ ଉତ୍ପାଦ ଶୃଙ୍ଖଳା ଯୋଗାଇଦେବ, ଯେଉଁଥିରେ ସୁରକ୍ଷିତ ଏମ୍‌ଏସ୍‌ଏମ୍‌ଇ ଋଣ ଉପରେ ପ୍ରାଥମିକ ଧ୍ୟାନ ଦିଆଯିବ, ଯାହା ଏହି ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀ, ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବଏହି ସମ୍ପ୍ରସାରଣ ଭୁବନେଶ୍ୱରରେ ଏକ ଆଞ୍ଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ରଣନୈତିକ ଭାବରେ ସାରା ଓଡ଼ିଶାରେ ଅନ୍ୟ ପାଞ୍ଚଟି ଶାଖା ସ୍ଥାପିନ ସାମିଲ ରହିଛି। ଏହି ନେଟୱାର୍କ ଭିତ୍ତିଭୂମି ରାଜ୍ୟରେ ନାମଦେବ ଫିନଭେଷ୍ଟର କାର୍ଯ୍ୟଦକ୍ଷତା ଏବଂ ଭୌଗୋଳିକ ପହଞ୍ଚକୁ ଯଥେଷ୍ଟ ବୃଦ୍ଧି କରିବ।

ଏହି ଅବସରରେ ନାମଦେବ ଫିନଭେଷ୍ଟ ଲିମିଟେଡର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଜିତେନ୍ଦ୍ର ତନୱାର କହିଛନ୍ତି, ଭୁବନେଶ୍ୱରରେ ଆମ ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ ବିକାଶଶୀଳ ବଜାରଗୁଡ଼ିକ ନିକଟରେ ସମାବେଶୀ ଆର୍ଥିକ ସେବା ପହଞ୍ଚାଇବାର ଆମ ପ୍ରତିବଦ୍ଧତାକୁ ଦର୍ଶାଉଛି ବୃଦ୍ଧି ପାଉଥିବା ଉଦ୍ୟୋଗୀ କାର୍ଯ୍ୟକଳାପ, ଭିତ୍ତିଭୂମି ବିକାଶ ଏବଂ ମାଇକ୍ରୋ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ବୃଦ୍ଧି ହେତୁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧିଶୀଳ ବଜାର। ଏଥିସହିତ, ରାଜ୍ୟର କେତେକ ଅଞ୍ଚଳରେ ସଂଗଠିତ ଏମ୍‌ଏସ୍‌ଏମ୍‌ଇ ଋଣର ପହଞ୍ଚ ସୀମିତ ରହିଛିଚଯାହା ସଠିକ୍ ସମୟରେ, ସମ୍ପର୍କ-ଭିତ୍ତିକ ଋଣ ପ୍ରଦାନ ମାଧ୍ୟମରେ ଏହି ଋଣ ଅଭାବକୁ ପୂରଣ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି।

ପ୍ରାୟ ୪୭.୨ ନିୟୁତ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶା ପୂର୍ବ ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏମ୍‌ଏସ୍‌ଏମ୍‌ଇ ବଜାରଗୁଡ଼ିକ ମଧ୍ୟରୁ ଗୋଟିଏ ରାଜ୍ୟର ମୁଖ୍ୟତଃ ଗ୍ରାମୀଣ ପୃଷ୍ଠଭୂମି, ଯେଉଁଠାରେ ୮୧% ଜନସଂଖ୍ୟା ଗ୍ରାମାଞ୍ଚଳରେ ବାସ କରନ୍ତି, ତାହା ନାମଦେବ ଫିନଭେଷ୍ଟର ସମ୍ପର୍କ-ଭିତ୍ତିକ ଋଣ ପ୍ରଦାନ ଆଭିମୁଖ୍ୟ ପାଇଁ ଏକ ଆଦର୍ଶ ବଜାର ସୃଷ୍ଟି କରୁଛି।

ବୃହତ୍ତର ଭାବେ ଦେଖିବାକୁ ହେଲେ, ଓଡ଼ିଶା ତାହାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମଧ୍ୟରେ ଯଥେଷ୍ଟ ଋଣ ଅଭାବର ସମ୍ମୁଖୀନ ହେଉଛି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆରବିଆଇ) ଦ୍ୱାରା ଏହି ରାଜ୍ୟରେ ପଞ୍ଜୀକୃତ ମାଇକ୍ରୋ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ସଂଖ୍ୟା ଅଧିକ ଥିବା ସତ୍ତ୍ୱେ, ଉଦ୍ୟୋଗଗୁଡ଼ିକର ସଂଖ୍ୟା ତୁଳନାରେ ସଂଗଠିତ ଋଣର ପହଞ୍ଚ ତୁଳନାତ୍ମକ ଭାବରେ କମ୍ ଥିବା ଚିହ୍ନଟ କରାଯାଇଛି ଋଣ ଯୋଗାଣ ଏବଂ ଚାହିଦା ମଧ୍ୟରେ ଥିବା ଏହି ଅସନ୍ତୁଳନ, ନାମଦେବ ଫିନଭେଷ୍ଟ ଭଳି ସଂଗଠିତ ଆର୍ଥିକ ଅନୁଷ୍ଠାନଗୁଡ଼ିକ ପାଇଁ ଏହି ଅଭାବକୁ ପୂରଣ କରିବା ନିମନ୍ତେ ଉଭୟ ଆହ୍ୱାନ ଏବଂ ବଡ଼ ସୁଯୋଗ ସୃଷ୍ଟି କରେ।

ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କ୍ଷୁଦ୍ର ଉତ୍ପାଦନ ୟୁନିଟ୍, ବ୍ୟବସାୟିକ ଉଦ୍ୟୋଗ, ସେବା ପ୍ରଦାନକାରୀ, ଖାଦ୍ୟ ପ୍ରସଂସ୍କରଣ ବ୍ୟବସାୟ ଏବଂ ଉଦ୍‌ଭାବନଶୀଳ ଟେକ୍ନୋଲୋଜି ଚଳିତ ଷ୍ଟାର୍ଟଅପ୍ ଗୁଡ଼ିକୁ ନେଇ ଏକ ବିବିଧ ଉଦ୍ୟୋଗୀ ଭିତ୍ତିଭୂମି ଦ୍ୱାରା ପରିବେଶିତ ବିଶେଷ ଭାବରେ, ଓଡ଼ିଶାରେ ମହିଳା ଚାଳିତ ଉଦ୍ୟୋଗଗୁଡ଼ିକ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରଦର୍ଶନ କରିଛନ୍ତି ଆଇଆଇଏମ୍ ସମ୍ବଲପୁର ଏବଂ ଏସ୍‌ବିଆଇର ତଥ୍ୟରୁ ଜଣାପଡ଼ିଛି ଯେ, ନିକଟବର୍ଷଗୁଡ଼ିକରେ ମହିଳା ଚାଳିତ ଏମ୍‌ଏସ୍‌ଏମ୍‌ଇ ଅଂଶଗ୍ରହଣ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି ମହିଳା ଚଳିତ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରାଜ୍ୟ ଜାତୀୟ ସ୍ତରରେ ୧୩ଶ ସ୍ଥାନରେ ରହିଛି, ଯେଉଁଠାରେ ସରକାରୁୱିମେନ୍ ଏଣ୍ଟରପ୍ରେନରସିପ୍ ପ୍ଲାଟଫର୍ମ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟ-ପୋଷିତ ଏମ୍‌ଏସ୍‌ଏମ୍‌ଇ ବିକାଶ ଯୋଜନା ମାଧ୍ୟମରେ ଅଧିକ ସମାବେଶୀକରଣକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛନ୍ତି।

ଏହି ଆଞ୍ଚଳିକ କାର୍ଯ୍ୟାଳୟ ମୁଖ୍ୟତଃ ସୁରକ୍ଷିତ ଏମ୍‌ଏସ୍‌ଏମ୍‌ଇ ଋଣ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବ, ଯାହା ନାମଦେବ ଫିନଭେଷ୍ଟର ସମଗ୍ର ଋଣ ପୋର୍ଟଫୋଲିଓର ପ୍ରାୟ ୯୫% ଅଟେ, ଯାହାର ହାରାହାରି ଟିକେଟ୍ ସାଇଜ୍ ପ୍ରାୟ ୭.୯ ଲକ୍ଷ ଟଙ୍କା କମ୍ପାନୀ ଓଡ଼ିଶା ସାରା ୫ ଲକ୍ଷରୁ ୨୫ ଲକ୍ଷ ଟଙ୍କା ପରିସର ମଧ୍ୟରେ ଆନୁଷ୍ଠାନିକ ଋଣ ଆବଶ୍ୟକ କରୁଥିବା କ୍ଷୁଦ୍ର ଉତ୍ପାଦନ ଉଦ୍ୟୋଗ, ବ୍ୟବସାୟୀ ଏବଂ ସେବା ପ୍ରଦାନକାରୀଙ୍କଠାରୁ ପ୍ରବଳ ଆଗ୍ରହ ଆଶା କରୁଛି।

## ଟିପିସିଓଡିଏଲ୍ ପକ୍ଷରୁ ଜେ.ଆର.ଡି. ଟାଟା ଜୟନ୍ତୀ ଅବସରରେ ନୈତିକତା ଦିବସ




**ଭୁବନେଶ୍ୱର, ୩୧।୧(ଆନିସ):**ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଆଜି ସମସ୍ତ କାର୍ଯ୍ୟାଳୟରେ ଶ୍ରୀ ଜାହାଙ୍ଗୀର ରତନଜୀ ଦାଦାଭୋଏ (ଜେ.ଆର.ଡି.) ଟାଟାଙ୍କ ଜୟନ୍ତୀ ଅବସରରେ ନୈତିକତା ଦିବସ ପାଳନ କରାଯାଇଛି।

ତାଙ୍କର ଅତୁଳନୀୟ ଅବଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଭୁବନେଶ୍ୱରସ୍ଥିତ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ ସମେତ ସେଣ୍ଟ୍ରାଲ ଓଡିଶାର କମ୍ପାନୀର ସମସ୍ତ କାର୍ଯ୍ୟାଳୟରେ ବିଭିନ୍ନ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଉପସ୍ଥିତ କମ୍ପାନୀର ବରିଷ୍ଠ ନେତୃବୃନ୍ଦ ଏବଂ କର୍ମଚାରୀମାନେ ଜେ.ଆର.ଡି. ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏଥିସହ ସେ ପ୍ରବର୍ତ୍ତନ କରିଥିବା ମୂଳ ମୂଲ୍ୟବୋଧ - ନୈତିକତା, ସତ୍ୟନିଷ୍ଠା, ଶ୍ରେଷ୍ଠତା ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।ଏହି ଅବସରରେ କମ୍ପାନୀର ନେତୃବୃନ୍ଦ ପ୍ରକାଶ କରିଥିଲେ ଯେ, ଜେ.ଆର.ଡି. ଟାଟାଙ୍କ ପ୍ରେରଣାଦାୟୀ ଦୂରଦୃଷ୍ଟି ନୈତିକତା ବଜାୟ ରଖିବା ଏବଂ ସେବା କ୍ଷେତ୍ରରେ ଶ୍ରେଷ୍ଠତା ବଜାୟ ରଖିବା ପାଇଁ କମ୍ପାନୀକୁ ପ୍ରତିମୁହୂର୍ତ୍ତରେ ମାର୍ଗଦର୍ଶନ କରୁଛି।

## ବ୍ୟାଙ୍କ ଆକାଉଣ୍ଟରେ ସର୍ବନିମ୍ନ ଜମା ଅଭାବ: ଗ୍ରାହକ ଗଣିଲେ ୭୧୦୦ କୋଟି

ନୂଆଦିଲ୍ଲୀ: ଆକାଉଣ୍ଟରେ ମାସିକ ସର୍ବନିମ୍ନ ହାରାହାରି ଜମା ବଜାୟ ରଖି ନପାରିବା କାରଣରୁ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କ ଠାରୁ ୨୦୨୫-୨୬ ଆର୍ଥିକବର୍ଷରେ ପ୍ରାୟ ୭୧୦୦ କୋଟି ଟଙ୍କାର ଜରିମାନା ଆଦାୟ କରିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷରେ ବ୍ୟାଙ୍କଗୁଡ଼ିକ ଏବାବଦରେ ୬୮୦୦ କୋଟି ଟଙ୍କା ଆଦାୟ କରିଥିଲେ। ୨୦୨୫-୨୬ରେ ଆଦାୟ ହୋଇଥିବା ଏବାବଦ ମୋଟ ରାଶି ମଧ୍ୟରୁ ପାଖାପାଖି ୭୦ ପ୍ରତିଶତ ବା ୪୯୪୮ କୋଟି ଟଙ୍କା ଘରୋଇ ବ୍ୟାଙ୍କଗୁଡ଼ିକ ଆଦାୟ କରିଛନ୍ତି। ଘରୋଇ ବ୍ୟାଙ୍କଗୁଡ଼ିକର ଏ ବାବଦ ଜରିମାନା ଆଦାୟ ରାଶି ୧୭ ପ୍ରତିଶତ ବୃଦ୍ଧି ଘଟିଛି ବୋଲି ସଂସଦରେ ସରକାର ସୂଚନା ଦେଇଛନ୍ତି। ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଏହି ରାଶି ଆଦାୟ କରିବାରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଓ ବ୍ୟାଙ୍କ ଅଫ୍ ବରୋଦା ଆଗରେ ରହିଛନ୍ତି। ଚତୁର୍ଥ ସ୍ଥାନରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ



ପଞ୍ଚମ ସ୍ଥାନରେ ଇଣ୍ଡିଆନ ବ୍ୟାଙ୍କ ରହିଛି। ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଏହା କୁହାଯାଇଛି ଯେ ବ୍ୟାଙ୍କଗୁଡ଼ିକ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଖାତା ଜରିଆରେ ଶୂନ୍ୟ ବାଲାନ୍ସ ସଞ୍ଚୟ ଆକାଉଣ୍ଟ ସୁବିଧା ପ୍ରଦାନ କରିଥାନ୍ତି।

ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖୋଲାଯାଉଥିବା ଆକାଉଣ୍ଟଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ରହିଥାଏ। ଆର୍ଥିକ ଅନ୍ତର୍ଭୁକ୍ତୀ କରଣକୁ ବଢ଼ାଇବା ପାଇଁ ଏସବୁ ଆକାଉଣ୍ଟ ଖୋଲା ଯାଇଥାଏ। ତେଣୁ ଏସବୁ ଜମା ଖାତାରୁ ସର୍ବନିମ୍ନ ଜମା ରଖି ନପାରିବା ବାବଦ ଜରିମାନା ଆଦାୟ ହୋଇ ନଥାଏ।

## ତନିଷା ବେବର୍ତ୍ତାଙ୍କୁ ପାରଳାରେ ସମ୍ବର୍ଦ୍ଧନା

ପାରଳାଖେମୁଣ୍ଡି,୩୧।୭(ଆନିସ):ଗଜପତି ଜିଲ୍ଲା ମହକୁମା ପାରଳାଖେମୁଣ୍ଡି ସହରର ତନିଷା ବେବର୍ତ୍ତା ଜାପାନରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଖ୍ୟାତି ଅର୍ଜନ କରିଛନ୍ତି। ସେ ପାରଳାଖେମୁଣ୍ଡିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଛି। ଜାପାନ୍‌ରେ ୧୦ ଦିନ ଓଡ଼ିଶୀ ନୃତ୍ୟ ନିଜେ ପରିବେଷଣ କରିବା ସହ ସେଠାରେ ଓଡ଼ିଶୀ ନୃତ୍ୟ କର୍ମଶାଳାରେ ସାଧନକର୍ମୀ ଭାବେ ଯୋଗଦାନ କରି ଓଡ଼ିଶାର



ପ୍ରସିଦ୍ଧ ରଥଯାତ୍ରା ଓ ଓଡ଼ିଶୀ ନୃତ୍ୟର ଆତ୍ମିକ ଭାବ ଏବଂ ତାତ୍ତ୍ୱିକ ତଥ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଆଜି ସେ ନିଜ ମାଟି ପାରଳାଖେଣ୍ଡିକୁ ଫେରିଛନ୍ତି । ସଂପ୍ରତି ସେ ଗଜପତିର ସେଞ୍ଚୁରିଅନ୍ ପବ୍ଲିକ ସ୍କୁଲର ସ୍ନାତକ ଛାତ୍ରୀ ଅଛନ୍ତି । ଏହି ଅବସରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଜପତି, ରେ ତନିଷା ବେବର୍ତ୍ତାଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଅଧକ୍ଷ ଡାକ୍ତର ମୁର୍ମୁ, ମୁଖ୍ୟବକ୍ତା ଅଧ୍ୟାପକ ପ୍ରଦୀପ ଜେନା, ସେବକପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶଶୀକାନ୍ତ ମହାପାତ୍ର, ପ୍ରାକ୍ତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ଗଜପତିର ବିଚିତ୍ରାନନ୍ଦ ବେବର୍ତ୍ତା, ଅରୁପାଞ୍ଜଳୀ ମହାନ୍ତି, ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । କରଣ ସମାଜର ସପାଦକ ଅମୀତ୍ କୁମାର ପଟ୍ଟନାୟକ , ନେତ୍ରାନନ୍ଦ ପଟନାୟକ, ସମ୍ପୂର୍ଣ୍ଣାନନ୍ଦ ବେବର୍ତ୍ତା, ମୁରଲୀଧର ପରିଛା , ଭାଗବତ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ରଥ, ପ୍ରଭାବତୀ ପଟ୍ଟନାୟକ ଓ ପାରଳାର ସାରସ୍ବତ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରଭୃତି ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି, ଶେଷରେ ଗୁରୁଛାତ୍ରୀ ଇପ୍ସା ରାଣୀ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାନବ ଚାଲାଣ ରୋକିବା, ମହିଳା ଓ ଶିଶୁଙ୍କୁ ସୁରକ୍ଷା ପାଇଁ ଆଲୋଚନାଚକ୍ର

ପାରଳାଖେମୁଣ୍ଡି,୩୧।୭(ଆନିସ): ବିଶ୍ୱ ମାନବ ଚୋରାଚାଲାଣ ବିରୋଧୀ ଦିବସ ଅବସରରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର (ଆଇଏସଆରଡି), ଗଜପତି ଏବଂ ଜିଲ୍ଲା ପ୍ରଶାସନ, ଗଜପତି ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଆର.ଉଦୟଗି ୟଗିରି ବ୍ଲକ ସମ୍ମିଳନୀ କକ୍ଷରେ ମାନବ ଚାଲାଣ ରୋକିବା, ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସମସ୍ତ ବିଭାଗର ଗୁରୁତ୍ବପୂର୍ଣ୍ଣ ଭୂମିକାକା ସମ୍ପର୍କିତ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲା ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାନବ ଚୋରା ଚାଲାଣ ରୋକିବା ପାଇଁ ଆଇନର କଠୋର ପ୍ରୟୋଗ ସହ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ୩୦ ଜୁଲାଇରେ ବିଶ୍ୱ ମାନବ ଚାଲାଣ ବିରୋଧୀ ଦିବସ ପାଳନ କରାଯାଉଛି। ଏହି ଅବସରରେ ୨୦୨୬ ଅଭିଯାନର ବିଷୟବସ୍ତୁ ଟ୍ରାଣ୍ଡ୍ ବିହାଇଣ୍ଡ୍ ଦି ସ୍କାମ୍ ଲକ୍ଷ୍ୟ ହେଉଛି ସାଇବର-ସକ୍ଷମ ଆର୍ଥିକ ଠକେଇ, ବଳପୂର୍ବକ ଅପରାଧ ଏବଂ ଶିଳ୍ପ-ସୁରର ଠକେଇ ଯୌଗିକ ସହିତ ଜଡିତ ମାନବ ଚାଲାଣର ଚିନ୍ତାଜନକ ବୃଦ୍ଧି ବିଷୟରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି କରିବା। ମୁଖ୍ୟ ଉଦ୍ଦେଶ୍ୟ ନୂତନ କାର୍ଯ୍ୟ ପ୍ରଣାଳୀର ପର୍ଦ୍ଦାଫାଶ ରହିଛି କିପରି ଅନ୍ତର୍ଜାତୀୟ ସଂଗଠିତ ଅପରାଧ ଗୋଷ୍ଠୀ ନକଲି ଚାକିରି ବିଜ୍ଞାପନ ଏବଂ ପ୍ରତାରଣାମୂଳକ ନିଯୁକ୍ତି ପ୍ରତିଶ୍ରୁତି ବ୍ୟବହାର କରି ପୀଡିତଙ୍କୁ ବେଆଇନ ଅନଲାଇନ୍ ଠକେଇ କାର୍ଯ୍ୟରେ ପ୍ରଲୋଭିତ କରନ୍ତି ତାହା ଉପରେ ଆଲୋକପାତ କରିବା। ବଞ୍ଚିଥିବା ଥିବା ବ୍ୟକ୍ତି-କେନ୍ଦ୍ରିତ ସୁରକ୍ଷାକୁ ପ୍ରୋତ୍ସାହିତ କରିବା: ବାଧ୍ୟତାମୂଳକ ଅପରାଧର ଶିକାର ହେଉଥିବା ମାନଙ୍କୁ ଅପରାଧୀ ଭାବରେ ଦଣ୍ଡିତ କରିବା ପରିବର୍ତ୍ତେ ବଞ୍ଚିଥିବା ବ୍ୟକ୍ତି ଭାବରେ ବ୍ୟବହାର ବହାର କରିବା ପାଇଁ ଓକିଲାତି କରିବା। ଆଇନଗତ ଏବଂ ଆଇନ ପ୍ରବର୍ତ୍ତନ ପ୍ରତିକ୍ରିୟାକୁ ସୁଦୃଢ଼ କରିବା ସାଇବର-ଚାଲାଣ ନେଟୱାର୍କ ଗୁଡ଼ିକୁ ଭାଙ୍ଗିବା ପାଇଁଦୃଢ଼ ସୀମ




ସୀମାପାର ସହଯୋଗ ଏବଂ ଅନ୍ତର୍ଜାତୀୟ ଢାଞ୍ଚାର ବ୍ୟବହାରକୁ ଉତ୍ସାହିତ କରିବା। ଚିହ୍ନଟକୁ ଉନ୍ନତ କରିବା: ଡିଜିଟାଲ୍ ଏବଂ ଠକେଇ-ଆଧାରିତ ଶୋଷଣର ସୂଚକ ଗୁଡ଼ିକୁ ସଠିକ୍ ଭାବରେ ଚିହ୍ନଟ କରିବା ପାଇଁ ଆଗ ଧାଡିର କର୍ମୀ ଏବଂ କର୍ତ୍ତୃପକ୍ଷଙ୍କ କ୍ଷମତା ବୃଦ୍ଧି କରିବା ଏହି ସବୁ ବିଷୟରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ରାକେଶ ସାହୁ, ଆଇପିଏସ, ଏସଡିପିଓ କଳ୍ପଲତା ପ୍ରଧାନ, ଆଇଆଇସି, ଆର ଉଦୟଗିର ସାରଳା ପାତ୍ର, ପ୍ରୋଟେକ୍ସନ ଅଫିସର, ଡିଏସଡବ୍ଲୁଓ କାର୍ଯ୍ୟାଳୟ ଅମିୟ କୁମାର ତ୍ରିପାଠୀ, ଅଧ୍ୟକ୍ଷ, ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ନାଗେଶ୍ୱର ଚୌଧୁରୀ, ସଦସ୍ୟ, ସିଡବ୍ଲ୍ୟୁସି ଶ୍ରୀ ଜୟ ପ୍ରକାଶ ବାଡତ୍ୟା, ଲିଗାଲ ପ୍ରୋବେସନ ଅଫିସର (ଡିସିପିୟୁ) ଏବଂ ସିବାନୀ ପାଣିଗ୍ରାହୀ, ଡିସିସି, ଓଏଲଏମ (ପିସିଆଇ), ଲୋରେମାନ ଖର୍ସେଲ, ବିଡିଓ, ଆର ଉଦୟଗିରି ପ୍ରମୁଖ ଆଲୋଚନା ରଖୁଥିଲେ। ଏହି କାର୍ଯ୍ୟକ୍ରମରେ ସଖୀ ୱାନ୍ ଷ୍ଟପ୍ ସେଣ୍ଟର, ଗଜପତିର କେନ୍ଦ୍ର ପ୍ରଶାସିକା ସୁନୀତା ରଥ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାନବ ଚୋରା ଚାଲାଣ ସମ୍ବନ୍ଧୀୟ ଏକ କେସ୍ ଷ୍ଟଡି ଉପସ୍ଥାପନା କରାଯାଇ ଉଦ୍ଧାର, ଆଇନଗତ ସହାୟତା, ପୁନର୍ବାସ ଓ ବିଭିନ୍ନ ବିଭାଗର ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆର୍. ଉଦୟଗିରି, ରାମଗିରି, ମୋହନା, ଅଡ଼ବା, ଚନ୍ଦ୍ରଗିରି ଓ ନୂଆଗଡ଼ ଥାନାର ପୋଲିସ ଅଧିକାରୀ, ଆମ ପୋଲିସ ସମିତି ସଦସ୍ୟ, ଅଙ୍ଗନୱାଡ଼ି କର୍ମୀ, ଏମ୍‌ବିକେ, ଜିସିଆରପି, ବିଭିନ୍ନ ବିଭାଗର ପ୍ରତିନିଧି, ସଖୀ ୱାନ୍? ଷ୍ଟପ୍ ସେଣ୍ଟରର କର୍ମଚାରୀ ମଧୁସ୍ମିତା ପାଢ଼ୀ, ସିବାନୀ ସାମନ୍ତ, ଟି. ସୁରେଶ କୁମାର,ଦିବ୍ୟ କୁମାର ସୁଆର, ମୋହିନୀ ପ୍ରଧାନ, ସୁନୀତା ବେହେରା, ମୋନାଲିସା ବେହେରା, ମହେଶ୍ବର ନାୟକ, ହରିକୃଷ୍ଣ ଚୌଧୁରୀ ଏବଂ ଆଇଏସଆରଡି ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

